ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.223 Bhubaneswar Friday October 13 2023 | ୨୬ତମ ବର୍ଷ ସଂଖ୍ୟା–୨୨୩ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଓଡିଶାକୁ କାହିଁକି ଆସୁନି ସିବିଆଇ ଓ ଇଡି: ଫେରାଦ ହେବେ ୨୨ ବିଜେପି ବିଧାୟକ



ଭୁବନେଶ୍ୱର,୧୨।୧୦(ପି.ଏନ): ଅନ୍ୟ ରାଜ୍ୟରେ ଦୁର୍ନୀତି ହେଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ସିବିଆଇ ଯାଉଛି । କିନ୍ତୁ ଓଡିଶାକୁ କାହିଁକି ଆସୁନି ବୋଲି ବିଜେପି ବିଧାୟକ ଦଳ ନେତା ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି । ଆଉ ଓଡିଶାରେ ହେଉଥିବା ଦୁର୍ନୀତି ବାବଦରେ ବିଜେପିର ୨୨ଜଣିଆ ବିଧାୟକ ଦଳ ଖୁବଶୀଘ୍ର ଦିଲ୍ଲୀ ଯିବ ବୋଲି କହିଛନ୍ତି । ବିଧାୟକମାନଙ୍କ ଗସ୍ତର ତାରିଖ ଚୂଡାନ୍ତ ହୋଇନି । କିନ୍ତୁ ବିଜେପି ବିଧାୟକମାନେ ଦିଲ୍ଲୀ ଯାଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ସମେତ ନିର୍ବାଚନ କମିଶନ ଓ ବିଜେପି ରାଷ୍ଟ୍ରୀୟ ସଭାପତିଙ୍କୁ ଭେଟି ଓଡିଶାରେ ସାମ୍ବିଧାନିକ ସରକାର ଚାଲିନି ଓ ଦୁର୍ନୀତି ସବୁ ସୀମା ଟପିଥିବା ନେଇ ଅଭିଯୋଗ କରାଯିବ । ସାଧାରଣ ନିର୍ବାଚନ ପୂର୍ବରୁ ଇଡି ଓ ସିବିଆଇ ମାଧ୍ୟମରେ ଚାପ ପକାଇବାକୁ ବିଜେପି ବିଧାୟକ ଦଳ ପକ୍ଷରୁ ହେଉଥିବା ପ୍ରୟାସକୁ ନେଇ ବିଜେଡି ମହଲରେ ଛନକା ପଶିଛି । ଦିଲ୍ଲୀ ଗସ୍ତରୁ ଫେରିବା ପରେ ଓଡିଶାରେ ଇଡି ଓ ସିବିଆଇ ଅଧିକ ସକ୍ରିୟ ହେବ ବୋଲି ବିଜେପି ବିଧାୟକମାନେ ଆଶାବାଦୀ ଅଛନ୍ତି । ଆଉ ଏପଟେ କଂଗ୍ରେସ ଏହା କେବଳ ଧର୍ମକୁ ଆଖିଠାର ବୋଲି କହିବା ସହ ବିଜେଡି-ବିଜେପି ଭାଇଭାଇ ଅଛନ୍ତି ଓ ସେମିତି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେବନି ବୋଲି କହିଛି । ସୂଚନା ଅନୁସାରେ, ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ରରେ ନେତୃତ୍ୱାଧୀନ ବିଜେପି ସରକାରକୁ ବିଜେଡି ଅଯାଚିତ ସମର୍ଥନ ଦେଇ ଆସୁଛି । ଆଉ ଏହାକୁ ନେଇ ବିଜେଡି ଓ ବିଜେପି ଏକ ବୋଲି କଂଗ୍ରେସ କରୁଥିବା ଅଭିଯୋଗ ଏବଂ ସାଧାରଣ ଲୋକଙ୍କ ମନରୁ ଦ୍ୱନ୍ଦ୍ୱ(ବିଜେଡି ଓ ବିଜେପିର ସମ୍ପର୍କକୁ ନେଇ) ଦୂର କରିବା ଉଦ୍ଦେଶ୍ୟରେ ବିଜେପି ଏବେ ଦିଲ୍ଲୀ ଗସ୍ତରେ ଯିବାକୁ ନିଷ୍ପତ୍ତି ନେଇଛି । ଜାତୀୟ ନେତୃତ୍ୱଙ୍କ ବିନା ସମ୍ମତିରେ ବିଜେପି ବିଧାୟକ ଦଳ ଦିଲ୍ଲୀ ଯିବାର ସମ୍ଭାବନା କ୍ଷୀଣ । ତେଣୁ ସାଧାରଣ ନିର୍ବାଚନ ପୂର୍ବରୁ ନିଜ ଦଳର କର୍ମୀମାନଙ୍କୁ ଉତ୍ସାହିତ କରିବା ଓ ସାଧାରଣ ଭୋଟରଙ୍କ ମଧ୍ୟରେ ବିଜେଡି ସରକାର ପ୍ରତି ରହିଥିବା ଆକ୍ରୋଶକୁ ନିଜ ସପକ୍ଷରେ ନେବା ପାଇଁ ବିଜେପି ଏଭଳି ରଣନୀତି ପ୍ରସ୍ତୁତ କରିଥିବା ଜଣାପଡିଛି ।ବିଜେପି ବିଧାୟକ ଦଳ ନେତା ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଆଜି ଏହି ସୂଚନା ଦେବା ପରେ ବିଜେଡିରେ ଛନକା ପଶିଛି । ଚିଟଫଣ୍ଡ ଦୁର୍ନୀତି, ଖଣି ଦୁର୍ନୀତି, ବ୍ଲାକରୋଜ୍ ବୁଡି ଆଦି ଘଟଣାରେ ବିଜେଡି ବ୍ୟାକଫୁଟରେ ଅଛି । ଏବେ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଦୁର୍ନୀତି ମାମଲାର ସିବିଆଇ ତଦନ୍ତ ସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ଆୟକର ବିଭାଗ ଭଳି ଏଜେନ୍ସୀକୁ ସକ୍ରିୟ କରାଇବାକୁ ରାଜ୍ୟ ବିଜେପି ଚାହୁଁଛି । ଯାହାର ଆଭାସ ଆଜି ଜୟନାରାୟଣ ମିଶ୍ର ଦେଇ ଗଣମାଧ୍ୟମକୁ କହିଛନ୍ତି ଯେ, ଓଡିଶାରେ ଦଳୀୟ ହିସାବରେ ସରକାର କାମ କରୁଛି । ଦଳ ଓ ସରକାର ଗୋଟିଏ ହୋଇଯାଇଛି । ଆଗରୁ ଏହା ଜଣାପଡୁନଥିଲା, ଏବେ ତାହା ଖୋଲାଖୋଲି ହେଉଛି ।

## ମନ୍ଦିର ଉନ୍ନତିକରଣ ପାଇଁ ଦେଇଥିବା ପ୍ରତିଶ୍ରୁତିର ଦୁଇ ମାସ ନପୁରୁଣୁ ମିଳିଲା ଅନୁଦାନ



ଝାରସୁଗୁଡ଼ା,୧୨।୧୦(ପି.ଏନ): କଥା ଦେଇ କଥା ରଖିଲେ ୫ଟି ସଚିବ। ମନ୍ଦିର ଉନ୍ନତିକରଣ ପାଇଁ ଦେଇଥିବା ପ୍ରତିଶ୍ରୁତିର ଦୁଇ ମାସ ନପୁରୁଣୁ ଜଙ୍ଗାଦେଓ ବଡ଼ଦେଓ ମନ୍ଦିର ଉନ୍ନତିକରଣ ପାଇଁ ଅନୁଦାନ ଆସିଛି ପ୍ରାୟ ଏକ କୋଟି ଟଙ୍କା। ଏନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ୫ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି ଗଣ୍ଡ ସମାଜ ବାସୀ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଝାରସୁଗୁଡା ଜିଲ୍ଲା ଗସ୍ତରେ ଗତ ଅଗଷ୍ଟ ୨୦ ତାରିଖରେ ଆସିଥିଲେ ୫ଟି ସଚିବ। ଲଇକେରା ମୟରୁଡିମା ସ୍ଥିତ ଜଙ୍ଗାଦେଓ ବଡ଼ଦେଓ ମନ୍ଦିରକୁ ଯିବା ସହିତ ମନ୍ଦିରର ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଖୁବ ଶୀଘ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ମନ୍ଦିର ପାଇଁ ଭଲ ଖବର ଘୋଷଣା କରିବେ ବୋଲି ଜଣାଇଥିଲେ। ମନ୍ଦିରର ଉନ୍ନତିକରଣ ତଥା ପୁନରୁଦ୍ଧାର ପାଇଁ ୯୯ଲକ୍ଷ ୫୬ହଜାର ଟଙ୍କା। ଅନୁଦାନ ପ୍ରଦାନକରିଛନ୍ତି ।

## ବଳିଆ ଯୋଜନା ଋଣ ସହାୟତା ରାଶି ଏକ ଲକ୍ଷ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର,୧୨।୧୦(ପି.ଏନ): ବୁଣାକାର ଓ ହସ୍ତତନ୍ତ କାରିଗରଙ୍କ ପାଇଁ ଖୁସି ଖବର । ବଳିଆ ଯୋଜନାରେ ଋଣ ସହାୟତା ରାଶି ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। "ବୁଣାକାର ଜୀବିକା ଓ ଆୟ ବୃଦ୍ଧି ସହାୟତା ଯୋଜନା (ବଳିଆ)", ୨୦୨୨-୨୩ ଆର୍ଥିକ ବର୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବୁଣାକାରଙ୍କ ନିମନ୍ତେ ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ପ୍ୟାକେଜ ଅନୁଯାୟୀ ପ୍ରଣୟନ କରାଯାଇଛି । ଏହି ଯୋଜନା ମାଧ୍ୟମରେ ୧୮-୭୦ ବର୍ଷ ବୟସ ମଧ୍ୟରେ ସମସ୍ତ ବୁଣାକାର ତଥା ବୟନ କାର୍ଯ୍ୟରେ ନିୟୋଜିତ ଶ୍ରମିକ ମାନଙ୍କୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ କାର୍ଯ୍ୟକାରୀ ପୁଞ୍ଜି ଋଣ ଆକାରରେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଥିଲା। ବାରମ୍ବାର ସୂତା, ରଙ୍ଗ ଓ ଅନ୍ୟାନ୍ୟ କଂଚାମାଲର ମୂଲ୍ୟ ବୃଦ୍ଧି ଯୋଗୁ, ବ୍ୟବସାୟରେ ନିରନ୍ତର ଅଭିବୃଦ୍ଧି ସହିତ ନିଜର ଉତ୍ପାଦନ ଏବଂ ବିପଣନ କ୍ଷମତାକୁ ବୃଦ୍ଧି କରିବା ପାଇଁ ବୁଣାକାରର କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତାରେ ବୃଦ୍ଧି ଆଣିବା ଦରକାର ପଡୁଥିଲା ଓ ଏଥିପାଇଁ ପଚାଶ ହଜାର ଟଙ୍କା ଯଥେଷ୍ଟ ହେଉନଥିଲା । ତେଣୁ ଋଣ ରାଶିକୁ ପଚାଶ ହଜାର ଟଙ୍କାରୁ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବାର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଏହି ଯୋଜନାର ନିୟମାନୁଯାୟୀ ବୁଣାକାରମାନେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟକାରୀପୁଞ୍ଜି ବିନା ସୁଧରେ ଋଣ ଆକାରରେ ବ୍ୟାଙ୍କ ରୁ ପାଇପାରିବେ । ଉଭୟ ସହରାଂଚଳ ଓ ଗ୍ରାମାଂଚଳରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନା ଦ୍ୱାରା ହିତାଧିକାରୀଙ୍କ ଆୟ ଏବଂ ଜୀବନଧାରଣର ମାନ ବୃଦ୍ଧି ପାଇବ।୨୦୧୯-୨୦ ହସ୍ତତନ୍ତ ଗଣନା ଅନୁଯାୟୀ, ୧ ଏପ୍ରିଲ ୨୦୨୧ସୁଦ୍ଧା ରାଜ୍ୟରେ ୬୬,୧୪୧ ଜଣ ବୁଣାକାର ପରିବାରରେ ୧,୨୪,୦୮୪ ଜଣ ବୁଣାକାର ଥିବା ବେଳେ ୫୬,୫୬୯ ସଂଖ୍ୟକ ତନ୍ତ ରହିଛି ।

## ଚିଟଫଣ୍ଡ ଠକେଇ ମାମଲାରେ ଉଦଳା ବ୍ରାଂଚ ମ୍ୟାନେଜରଙ୍କୁ ୩ ବର୍ଷ ଜେଲ୍

ଭୁବନେଶ୍ୱର,୧୨।୧୦(ପି.ଏନ): କୋଲକାତା ୱେୟାର ହାଉସ ଚିଟଫଣ୍ଡ ଠକେଇ ମାମଲାରେ ଉଦଳା ବ୍ରାଂଚ ମ୍ୟାନେଜରଙ୍କୁ ୩ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ସ୍ୱତନ୍ତ୍ର କୋର୍ଟ। ସଂସ୍ଥାର ଉଦଳା ଶାଖା ପରିଚାଳକ ସଂଗ୍ରାମ କେଶରୀ ପାତ୍ରଙ୍କୁ ୩ ବର୍ଷ ଜେଲ୍ ସହ ୬୧ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ସ୍ୱତନ୍ତ୍ର ଓପିଆଇଡି କୋର୍ଟ। ୨୦୧୩ରେ ଜମାକାରୀଙ୍କୁ ପ୍ରଲୋଭିତ କରି ଉକ୍ତ ସଂସ୍ଥା କୋଟିଏରୁ ଅଧିକ ଟଙ୍କା ଠକିଥିବା ଅଭିଯୋଗ ହୋଇଥିଲା।

## ରାଜ୍ୟରେ ଆଜି ଠାରୁ ଆରମ୍ଭ ହୋଇଛି ବିଜେଡିର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୨।୧୦(ପି.ଏନ): ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଜି ଠାରୁ ଆରମ୍ଭ ହୋଇଛି ବିଜୁ ଜନତାଦଳର ପ୍ରଶିକ୍ଷଣ ଶିବିର । ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଓ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଆଜି ଆୟୋଜିତ ହୋଇଛି ଏହି ପ୍ରଶିକ୍ଷଣ ଶିବିର। ଆଜି ଠାରୁ ତିନିଦିନ ଧରି ଏହି ଶିବିର ଚାଲିବ । ଏହି ଶିବିରରେ ପର୍ଯ୍ୟାୟ କ୍ରମରେ ସକ୍ରିୟ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ବ୍ୟବସ୍ଥା କରାଯାଇଛି । ଅପରପକ୍ଷେ ଯୁବ ପିଢିଙ୍କ ସଂଖ୍ୟା ଅଧିକରୁ ଅଧିକ ଦେଖିବାକୁ ମିଳିଛି। ବ୍ରହ୍ମପୁର ଟାଉନ ହଲରେ ଏହି ଶିବିର ଆୟୋଜିତ ହୋଇଥିବା ବେଳେ ରାଜ୍ୟସଭା ସାଂସଦ ତଥା ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ମାନସ ରଞ୍ଜନ ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ଓ ସମସ୍ତ କର୍ପୋରେଟର ମାନେ ଉପସ୍ଥିତ ଥିଲେ। ସେହିପରି ଛତ୍ରପୁର ରିଡିଙ୍ଗ ହଲ ଠାରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ଉଦବୋଧନ ଦେଇଥିଲେ।

## ପୂର୍ବତନ ମେୟରଙ୍କ ଗାଡିକୁ ବୋମାମାଡ : ୫ ଗିରଫ

ଗଞ୍ଜାମ, ୧୨।୧୦(ପି.ଏନ): ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର୍ ଶିବଶଙ୍କର ଦାଶଙ୍କ ଗାଡି ଉପରକୁ ବୋମାମାଡ ଘଟଣାରେ ୧୧ ଦିନ ପରେ ପୋଲିସକୁ ମିଳିଛି ବଡ ସଫଳତା । ଏହି ମାମଲାର ତଦନ୍ତ କରି ଗୋଷାଣିନୂଆଗାଁ ଥାନା ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କୁ ଆଜି କୋର୍ଟଚାଲାଣ କରିଛି ।

ଗିରଫ ଅଭିଯୁକ୍ତମାନେ ହେଲେ ଗୋଷାଣିନୂଆଗାଁ ଶାସ୍ତ୍ରୀ ନଗର ଦ୍ୱିତୀୟ ଗଳିର ସୁନିଲ କୁମାର ସାହୁ (୩୨), ପାଣିଗ୍ରାହୀ ସାହିର ନୀଳାଚଂଳ ପାଳ (୩୨), ଆଡୁଆ ସାହିର ସନ୍ତୋଷ କୁମାର ସାହୁ (୪୩), ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମର ମହେଶ୍ୱର ମହାରଣା (୩୫), କୋଦଳା ଥାନା ଅଧିନ ଫାଶି ଗ୍ରାମର ଶିବ ଜେନା (୨୨) । ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଏବେବି ଫେରାର୍ ଅଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ବେଳେ ଅଭିଯୁକ୍ତ ସୁନିଲ କୁମାର ସାହୁ ବୋମା ଫିଙ୍ଗିଥିଲା । ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ ।

## ବିଜେଡି ପଦଯାତ୍ରାରେ ମନ୍ତ୍ରୀ କହିଲେ, 'ନିତ୍ୟାନନ୍ଦ ନୁହଁନ୍ତି, ବସ୍ତାରୁ ଲଢ଼ିବେ ସୁବାସିନୀ'



ଭୁବନେଶ୍ୱର,୧୨।୧୦(ପିଏନ):ନିତ୍ୟାନନ୍ଦ ସାହୁ ନୁହଁନ୍ତି, ବସ୍ତା ବିଧାନସଭା ଆସନରେ ବିଜେଡିରୁ ଲଢ଼ିବେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ପତ୍ନୀ ସୁବାସିନୀ ଜେନା। ନିର୍ବାଚନ ତାରିଖ ଘୋଷଣା ନ ହେଉଣୁ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏଭଳି ଖୋଲାଖୋଲି ଘୋଷଣା କରିଛନ୍ତି ।ଗତକାଲି ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ହୋଇଥିଲା। ଏହି ସମୟରେ ନିଜ ମନ୍ତବ୍ୟ ରଖିବାବେଳେ ମନ୍ତ୍ରୀ କହିଥିଲେ, ଆଗାମୀ ନିର୍ବାଚନରେ ବସ୍ତା ନିର୍ବାଚନ ମଣ୍ଡଳୀରେ ଦାୟିତ୍ୱ ନେବେ ବାଲିଆପାଳ ମାଟିର ଓ ବସ୍ତା ନିର୍ବାଚନ ମଣ୍ଡଳୀର ଝିଅ ଶ୍ରୀମତି ସୁବାସିନୀ ଜେନା ମହୋଦୟା ।ଅଶ୍ୱିନୀଙ୍କ ଏହି ମନ୍ତବ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀ ନୁହେଁ ବରଂ ବାଲେଶ୍ୱର ରାଜନୀତିରେ କଂପନ ସୃଷ୍ଟି ହୋଇଛି।

## ରେଳ ଲାଇନ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୪ ଗାଡି ପୋଡିଲେ ମାଓବାଦୀ

ହଜାରିବାଗ, ୧୨।୧୦(ପି.ଏନ): ହଜାରିବାଗ ଜିଲ୍ଲାର କଟକମସାଂଡି ଥାନା ଅନ୍ତର୍ଗତ ଶାହପୁର ହେସା କୁନ୍ଦର ଗ୍ରାମ ନିକଟରେ ଗୁରୁବାର ଭୋର ସମୟରେ ମାଓବାଦୀମାନେ ୪ଟି ଗାଡିରେ ନିଆଁ ଲଗାଇ ଦେଇଛନ୍ତି। ଏହି ୪ ଗାଡି ମଧ୍ୟରେ ରହିଛି, ଦୁଇଟି ହାଇୱା, ଗୋଟିଏ ପେଲୋଡେର ଏବଂ ଏକ ପିକଅପ୍ ଭ୍ୟାନ୍ । ମାଓବାଦୀ ମାନେ ଘଟଣାସ୍ଥଳରେ ପୋଷ୍ଟର ଛାଡି ଯାଇଛନ୍ତି । ଘଟଣା ପାଇଁ ନିଜକୁ ଦାୟୀ କରିଛି ନକ୍ସଲ ସଂଗଠନ । ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ମାମଲାର ତଦନ୍ତ ଆରମ୍ଭ ହୋଇଛି । ଜଳିଯାଇଥିବା ସମସ୍ତ ଗାଡି ଗୁଡିକ ରେଲୱେର କମ୍ପାନୀ ଗାଡି ବୋଲି କୁହାଯାଉଛି ।



ପୋଲସରା ବ୍ଲକ୍ ଅନ୍ତର୍ଗତ ମଥୁରା ଗ୍ରାମର ମୃତ୍ୟୁ ବରଣ କରିଥିବା ଯୁଧିଷ୍ଠିର ଗୋଛାୟତଙ୍କ ଶୋକ ସନ୍ତପ୍ତ ପରିବାରକୁ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ସମବେଦନା ଜ୍ଞାପନ ଓ ଆର୍ଥିକ ସହାୟତା ପ୍ରଦାନ ସହ ଗ୍ରାମର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଗ୍ରାମବାସୀଙ୍କ ସହ ବିଚାରବିମର୍ଷ ।

## ଚାରି କୋଟି ଟଙ୍କା ବିନିମୟରେ ନିର୍ମାଣ ହେବ ଆଦିବାସୀ ଭବନ



ବାରିପଦା,୧୨।୧୦(ପି.ଏନ: ଆଜି ସ୍ଥାନୀୟ ମୁର୍ଗାବାଡ଼ି ସ୍ଥିତ ଡି.ପି.ଆର.ସି. ହଲ ଠାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ମୟୁରଭଞ୍ଜ ର ଦ୍ୱିତୀୟ ପରିଷଦ ବୈଠକ ପରିଷଦ ର ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି.ପ୍ରାରମ୍ଭ ରେ ବାରିପଦା ସମନ୍ୱିତ ଆଦିବାସୀ ପ୍ରକଳ୍ପ ପ୍ରଶାସକ ଶ୍ରୀ ରାମ ଚନ୍ଦ୍ର ସୋରେନ ଉପସ୍ଥିତ ଥିବା ଅତିଥି, ପରିଷଦ ର ସଦସ୍ୟ /ସଦସ୍ୟା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଏହି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ର ଆଭିମୁଖ୍ୟ ସମ୍ବନ୍ଧ ରେ ସମସ୍ତଙ୍କୁ ଅବଗତ କରାଇଥିଲେ.ପରିଷଦ ର ଅଧ୍ୟକ୍ଷ ଡା. ମାର୍ଣ୍ଡି ତାଙ୍କ ବକ୍ତବ୍ୟ ରେ ମାନ୍ୟବର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦିବାସୀ ମାନଙ୍କ ଉନ୍ନତି ର ମାନସ ପୁତ୍ର ପରିକଳ୍ପନା ସ୍ୱରୂପ ହେଉଛି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଯାହାକି ଭାରତ ବର୍ଷ ରେ ପ୍ରଥମ ବୋଲି ଉଲ୍ଲେଖ କରିଥିଲେ। ଓଡିଶା ରେ ବର୍ତ୍ତମାନ ୨୩ ଗୋଟି ଆଦିବାସୀ ବହୁଳ ଜିଲ୍ଲାରେ ଏହି ପରିଷଦ କାର୍ଯ୍ୟ କରୁଛି. କେବଳ ଆଦିବାସୀ ମାନଙ୍କ କଳା, ସଂସ୍କୃତି ଓ ପରମ୍ପରା ର ବିକାଶ ଏହାର ଲକ୍ଷ ନୁହେଁ ବରଂ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ କ୍ଷେତ୍ର ରେ ଉନ୍ନତି ଆଣି ସେମାନଙ୍କ ର ସାମଗ୍ରିକ ବିକାଶ ସାଧନ କରିବା ଉନ୍ନୟନ ପରିଷଦ ର ପ୍ରମୁଖ ଉଦ୍ଦେଶ୍ୟ। ଏହି ଅବସରରେ ପ୍ରୋଜେକଟର ଜରିଆରେ ପରିଷଦ ର କାର୍ଯ୍ୟାଧାରା ତଥା ଚଳିତ ବର୍ଷ ର ବିଗତ ଦିନମାନଙ୍କ ରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟ ତଥା ଏହାର ଉପଲବ୍ଧି ଏବଂ ଚଳିତ ଆର୍ଥିକ ବର୍ଷର ଆଗାମୀ ଦିନରେ ହାତକୁ ନିଆଯାଇଥିବା ଥିବା ବିଭିନ୍ନ ପ୍ରକଳ୍ପର ବର୍ତ୍ତମାନ ର ସ୍ଥିତି ସମ୍ବନ୍ଧରେ ବିସ୍ତୃତ ଭାବେ ଅବଗତ କରାଇଥିଲେ ।ଏଥି ମଧ୍ୟରୁ ଚାରିକୋଟି ଟଙ୍କା ବ୍ୟୟ ରେ ନିର୍ମିତ ହେବାକୁ ଥିବା ଆଦିବାସୀ ଭବନ, ବିଭିନ୍ନ ଗୋଷ୍ଠୀ ମାନଙ୍କ ସହ ଆଲୋଚନା ଓ ସହମତି ଭିତ୍ତି ରେ କଳାକାର ମାନଙ୍କୁ ବାଦ୍ୟଯନ୍ତ୍ର ଯୋଗାଇବା, ଖେଳାଳି ମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ରୀଡା ପୋଷାକ ଓ ଉପକରଣ ପ୍ରଦାନ କରାଯିବା, ଭାବର ଆଦାନ ପ୍ରଦାନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ସ୍ୱ ?ର୍ଟସ ମିଟ, ୨୦ ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମାଣ ହେବାକୁ ଥିବା ବ୍ଲକ ସ୍ତରୀୟ ଐତିହ୍ୟ କେନ୍ଦ୍ର , ଅଧିକରୁ ଅଧିକ ଧର୍ମୀୟ ପୀଠ ନିର୍ମାଣ, ଅଧିକ ସାଂସ୍କୃତିକ ସଙ୍ଘ ଗଠନ,ଆଦିବାସୀ ମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସ୍ୱତନ୍ତ୍ର ଭାବେ ଆଦିବାସୀ ହାଟ ନିର୍ମାଣ, ଆଦିବାସୀ ତୀର୍ଥ ସ୍ଥଳୀ ର ଉନ୍ନତିକରଣ ଓ ବୃହତ ଲକ୍ଷ୍ୟ ସାଧନ ନିମିତ୍ତ ବାହାର ସ୍ଥାନକୁ ଭ୍ରମଣ ଇତ୍ୟାଦି କାର୍ଯ୍ୟକ୍ରମ ରହିଛି ବୋଲି ପରିଷଦ ର ଅଧ୍ୟକ୍ଷ ଡା. ମାର୍ଣ୍ଡି ଉଲ୍ଲେଖ କରିଥିଲେ। ଜିଲ୍ଲାପାଳ ତଥା ପରିଷଦ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିନୀତ ଭରଦ୍ୱାଜ ତାଙ୍କ ବକ୍ତବ୍ୟ ରେ କହିଥିଲେ କି ଆଦିବାସୀ ମାନଙ୍କ ଉନ୍ନତି ପାଇଁ ସରକାରଙ୍କ ଯେଉଁ ସବୁ ଯୋଜନା ରହିଛି ସେଗୁଡିକ ଆଇ.ଟି.ଡି.ଏ. ଓ ଅନ୍ୟାନ୍ୟ ବିଭାଗ ର ମିଳିତ ସହଯୋଗ ରେ ସମ୍ପାଦିତ ହେଉଛି । ଏଥିପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ. ପ୍ରକଳ୍ପ କାର୍ଯ୍ୟ ପାଇଁ ଜମି ଆବଣ୍ଟନ କ୍ଷେତ୍ର ରେ ଉପୁଜୁଥିବା ସମସ୍ୟା ଗୁଡିକୁ ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେଇ ପ୍ରକଳ୍ପ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ପି ଏ ଆଇ ଟି ଡି ଏ ମାନଙ୍କୁ ପରାମର୍ଶ ଦେଇଥିଲେ.ଏସଡିସି ଦ୍ୱାରା ଯେଉଁ ସବୁ କାର୍ଯ୍ୟ ସମ୍ପାଦିତ ହେଉଛି ସେଗୁଡିକ ଲୋକମାନଙ୍କ ଉତ୍ତମ ଦୃଷ୍ଟିଗୋଚର ପାଇଁ ଏକ ପ୍ରକାରର ବ୍ରାଣ୍ଡିଂ ଓ ଦୀର୍ଘ ସ୍ଥାୟୀ ଲୋଗ ବ୍ୟବହାର ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ମାତ୍ର ତୃଣମୂଳ ସ୍ତରରେ ଲୋକମାନଙ୍କୁ ଯୋଜନା ବିଷୟରେ ସଚେତନ କରାଇ କାର୍ଯ୍ୟଧାରାରେ ସ୍ୱଚ୍ଛତା ଅବଲମ୍ବନ କରି ପ୍ରକଳ୍ପ କାର୍ଯ୍ୟ ଗୁଡିକ କିପରି ଉତ୍ତମ ମାନର ହେବ ସେ ଦିଗରେ ଉଭୟ ସରକାରୀ ବିଭାଗ ଓ ପରିଷଦର କର୍ମକର୍ତ୍ତା ମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ.ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ରେ ସେ ଅଂଚଳ ର ବିଭିନ୍ନ ଗୋଷ୍ଠୀ ର ଲୋକଙ୍କ ସହିତ ଆଲୋଚନା କରି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସେ ଅଂଚଳ ର ଲୋକଙ୍କ ଭାଗିଦାରୀ ପାଇଁ ଏହାର ରକ୍ଷଣାବେକ୍ଷଣ ତଥା ସୁରକ୍ଷା ପାଇଁ ସେମାନଙ୍କୁ ବିଶେଷ କରି ଯୁବ ଗୋଷ୍ଠୀ ଙ୍କୁ ଦାୟିତ୍ୱ ଦେଲେ ସମନ୍ୱୟ ରେ ଉନ୍ନତି ଘଟିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ. ପରିଷଦର ସଦସ୍ୟ ସଦସ୍ୟା ମାନେ ମଧ୍ୟ ଜିଲ୍ଲା ରେ ଆଦିବାସୀ ସମ୍ପ୍ରଦାୟ ର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜନିଜ ର ସୁଚିନ୍ତିତ ମତାମତ ରଖିଥିଲେ.ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ପରିଷଦ ର ଉପାଧ୍ୟକ୍ଷା କମଳା ତିରିଆ, କରଞ୍ଜିଆ, ଉଦଳା ଓ ରାଇରଙ୍ଗପୁର ଆଇଟିଡିଏ ର ପ୍ରକଳ୍ପ ପ୍ରଶାସକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପରିଷଦ ର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ହୋଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।ଶେଷରେ ପରିଷଦ ର ଉପାଧ୍ୟକ୍ଷା କମଳା ତିରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ସ୍କୁଲ ଅଭିଯାନ'ରେ ୮ ଲକ୍ଷ ୧୨ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ହୋଇଛନ୍ତି ସାମିଲ

ଭୁବନେଶ୍ୱର,୧୨।୧୦(ପି.ଏନ) : 'ମୋ ସ୍କୁଲ' ଅଭିଯାନ ଅଧୀନରେ ବିଦ୍ୟାଳୟର ଉନ୍ନତି ପାଇଁ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ସାମାଜିକ ସମୀକ୍ଷା ସଫଳତାର ସହ ଶେଷ ହୋଇଛି । ପ୍ରତି ବ୍ଲକ୍‌ରୁ ଗୋଟିଏ ଲେଖାଏଁ ବିଦ୍ୟାଳୟ ଏବଂ ୫ ଲକ୍ଷରୁ ଅଧିକ ଟଙ୍କାର ପ୍ରକଳ୍ପ କରାଯାଇଥିବା ୯୨୬ଟି ବିଦ୍ୟାଳୟରେ ଏହି ସମୀକ୍ଷା ସଫଳ ହୋଇଛି । ଏହାପରେ ପ୍ରତି ମାସରେ ମୋ ସ୍କୁଲ ପ୍ରକଳ୍ପ ଶେଷ ହେଇଥିବା ୧୦୦୦ଟି ଉଚ୍ଚ ବିଦ୍ୟାଳୟରେ ସାମାଜିକ ସମୀକ୍ଷା କରାଯିବ । 'ମୋ ସ୍କୁଲ'ର ସାମାଜିକ ସମୀକ୍ଷକ ଭାବେ ପ୍ରକଳ୍ପର ଅଂଶୀଦାର, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ବିଇଓ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ/ଏବିଇଓ/ ସିଆରସିସି ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟରେ କରାଯାଇଥିବା ପ୍ରକଳ୍ପ ଗୁଡିକର ସମୀକ୍ଷା କରିବେ । ଗୁରୁବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଲୋକସେବା-ଭବନଠାରେ 'ମୋ ସ୍କୁଲ ଅଭିଯାନ'ର ୪୩ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି ।

## ପାରାଦୀପରେ ସିବିଆଇ ରେଡ୍, ୫୦ ହଜାର ଲାଞ୍ଚ ନେଉଥିବା ବେଳେ ଧରାପଡିଲେ ପବ୍ଲିକ ହେଲ୍‌ଥ ଅଫିସର



ଭୁବନେଶ୍ୱର,୧୨।୧୦(ପି.ଏନ): ପାରାଦୀପ ପବ୍ଲିକ ହେଲ୍‌ଥ ଅଫିସରେ ଆଜି ଚଢ଼ାଉ କରିଛି ସିବିଆଇ। ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଛନ୍ତି ପବ୍ଲିକ୍ ହେଲ୍‌ଥ ଅଫିସର ଡକ୍ଟର ଆର୍.ଏନ୍ ପାଣିଗ୍ରାହୀ। ଜଣେ ଶିପିଂ ଏଜେଣ୍ଟଙ୍କ ଠାରୁ ସେ ଏହି ଟଙ୍କା ଗ୍ରହଣ କରୁଥିବା ବେଳେ ସିବିଆଇ ଅଫିସରଙ୍କ ହାତରେ ଧରାପଡିଥିଲେ। ଜାହାଜର କ୍ରିଉ ମେମ୍ବରଙ୍କୁ କୋଭିଡ୍ କ୍ଲିୟରାନ୍ସ ସାର୍ଟିଫିକେଟ ଦେବାକୁ ଆର୍.ଏନ୍ ପାଣିଗ୍ରାହୀ ଉକ୍ତ ଶିପିଂ ଏଜେଣ୍ଟଙ୍କୁ ମାଗିଥିଲେ ଲକ୍ଷେରୁ ଅଧିକ ଟଙ୍କା। ସେ ୭୦ ଜଣ କ୍ରିଉ ମେମ୍ବରଙ୍କୁ କୋଭିଡ୍ କ୍ଲିୟରାନ୍ସ ସାର୍ଟିଫିକେଟ ଦେବାକୁ ଜଣ ପିଛା ୧୫୦୦ ଟଙ୍କା ଲେଖାଏଁ ଦେବାକୁ କହିଥିଲେ।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧିର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




## ଗଣ୍ଠିବାତରୁ ମୁକ୍ତି ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଜରୁରୀ: କିମ୍ସ ବିଶେଷଜ୍ଞ



ଭୁବନେଶ୍ୱର,(ପି.ଏନ): ଆର୍ଥ୍ରାଇଟିସ୍ ବା ଗଣ୍ଠିବାତ ରୋଗରୁ ମୁକ୍ତି ପାଇବା ପାଇଁ ଜୀବନ ଶୈଳୀରେ ପରିବର୍ତ୍ତନ ଆଣବା ଜରୁରୀ ବୋଲି କିମ୍ସର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଆଜି କିମ୍ସ କ୍ଲିନିକାଲ ଇମ୍ୟୁନୋଲୋଜି ଓ ରୁମାଟୋଲୋଜି ବିଭାଗ ପକ୍ଷରୁ ବିଶ୍ୱ ଗଣ୍ଠିବାତ ଦିବସ ପାଳନ ଅବସରରେ ଡା. ପ୍ରଶାନ୍ତ ପଧାନ ସୂଚନା ଦେଇ କହିଛନ୍ତି, ଏହି ରୋଗରେ ଆକ୍ରାନ୍ତ ରୋଗୀମାନେ ପର୍ଯ୍ୟାପ୍ତ ଆରାମ ନେବା ସହ ନିୟମିତ ବ୍ୟାୟାମ ଓ ଦୈନନ୍ଦିନ ଚାପମୁକ୍ତ ଜୀବନ ଯାପନ କରିବା ଉଚିତ। ସୁସ୍ଥ ରହିବା ପାଇଁ ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ ବୋଲି ଡା. ପଧାନ କହିଥିଲେ। ଆର୍ଥ୍ରାଇଟିସକୁ ସିଷ୍ଟମିକ୍ ରୋଗ କୁହାଯାଏ। ଏହା ଜୀବନର ଶେଷ ପର୍ଯ୍ୟନ୍ତ ରହିଥାଏ। ଏହାର ଔଷଧ ସେବନ ବନ୍ଦ ନକରିବାକୁ ଡା. ପଧାନ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସୋସିଆଲ ମିଡିଆ, ଟିଭି ଏବଂ ବିଶେଷ କରି ଚାପପୂର୍ଣ୍ଣ କାହାଣୀ ଥିବା ଧାରାବାହିକ ଆଦିରୁ ଦୂରରେ ରହି ଯୋଗ, ଆଧ୍ୟାତ୍ମିକତା ଅଭ୍ୟାସ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଚଳିତ ବର୍ଷ ବିଶ୍ୱ ଆର୍ଥ୍ରାଇଟିସ୍ ଦିବସର ବିଷୟ ବସ୍ତୁ ରହିଛି 'ଲିଭିଂ ୱିଥ୍ ଆର୍ଥ୍ରାଇଟିସ୍'।ଏହି ଅବସରରେ କିମ୍ସର ଉପଦେଷ୍ଟା ଡ. ଆର୍ ଏନ୍ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆମେ ଏକ ଦଶନ୍ଧିରୁ ଅଧିକ ସମୟ ପୂର୍ବରୁ କିମ୍ସରେ କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି ବିଭାଗ ଆରମ୍ଭ କରିଥିଲୁ। ପ୍ରକୃତରେ ଏହା ଆଶା ପୂରଣ କରିବା ସହ ରୋଗୀ ସେବା ଏବଂ ଗବେଷଣା ପାଇଁ ଏକ ମାନଦଣ୍ଡ ସ୍ଥାପନ କରିଛି। ଏହି ଅବସରରେ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ସାକିର ଅହମ୍ମଦ ରୋଗୀର ଉତ୍ତମ ଚିକିତ୍ସା ପାଇଁ ରୋଗୀ ଡାକ୍ତରଙ୍କୁ ବିବରଣୀ ପ୍ରକାଶ କରିବା ଉଚିତ ବୋଲି କହିଥିଲେ। ଏହା ସହ ଅନଲାଇନରେ ଦିଆଯାଉଥିବା ପରାମର୍ଶ ପ୍ରଭାବରେ କେବେ ବି ନ ଯିବାକୁ କହିଥିଲେ। ସହକାରୀ ପ୍ରଫେସର ଦେବାଶିଷ ମାଇକାପ 'ଆର୍ଥ୍ରାଇଟିସ୍ ଉପରେ ଥିବା ଭୁଲ୍ ଧାରଣା' ଉପରେ ବକ୍ତବ୍ୟ ରଖି ଲୋକମାନଙ୍କ ସନ୍ଦେହ ଦୂର କରିବାକୁ ଚେଷ୍ଟା କରିଥିଲେ। ଆର୍ଥ୍ରାଇଟିସରୁ ମୁକ୍ତି ପାଇଁ ମଦ୍ୟପାନ ଏବଂ ଧୂମପାନରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମେଡିକାଲ ଅଧୀକ୍ଷକ ପ୍ରଫେସର ରାମଚନ୍ଦ୍ର ଦାସ, ଉପାଧ୍ୟକ୍ଷ ପ୍ରଫେସର ଶୁଭ୍ରାଂଶୁ ପାତ୍ର, ଫେସିଲିଟି ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର ବିଶ୍ୱ ଆର୍ଥ୍ରାଇଟିସ୍ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।

## ନୂଆପଡ଼ାରେ ମିଶନଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ

ନୂଆପଡ଼ା, ବିରବଲ ପ୍ରଧାନ, (ପି.ଏନ): ନୂଆପଡ଼ା ଜିଲ୍ଲାରେ ସ୍କୁଟର ଯୋଜନାର ଶୁଭାରମ୍ଭ ହୋଇଛିଯାଇଛି। ଆଜି ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ଓ୍ୱାନ ଭବନଠାରେ ଜିଲ୍ଲାପାଳ ହେମକାନ୍ତ ସାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲାପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ଭାନୁପ୍ରତାପସିଂ ମାଝି, ଭରତଲାଲ ରାଉତ, ଉମା ଠାକୁର, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରି ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ସୁବାଷଚନ୍ଦ୍ର ରଏତ, ଏଲଡିଏମ ସୀତାରାମ ମେହେର, ଆରଟିଓ ମାନା ସିଂ, ବିଧାୟକ ପ୍ରତିନିଧି ଜୟ ଢୋଲକିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଜିଲ୍ଲାର୧୫୪ ମହିଳା ଏସଏଚ୍‌ଜିଙ୍କୁ ସ୍କୁଟି ବଣ୍ଟନ କରାଯାଇଥିଲା।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲଭର ରୁଫ୍ ଏବଂ ସିଲଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

## ସ୍ୱାଗତ ସମାରୋହ



ବାଲିପାଟଣା,(ପି.ଏନ): ଶିଶୁ ଅନନ୍ତ ମହାବିଦ୍ୟାଳୟ ବାଲିପାଟଣା ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ +୩ ପ୍ରଥମ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଉତ୍ସବ ପାଳନ କରାଯାଇଅଛି। ଏହି ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ନିମାଇଁ ଚ଼ରଣ ଜେନା ଅଧ୍ୟକ୍ଷତା କରିଥିଲେ ଓ ବିଭାଗୀୟ ମୁଖ୍ୟା ପ୍ରାଧାପିକା ଡ.ରଶ୍ମିତା ମହାପାତ୍ର ସଭା ପରିଚ଼ାଳନା କରିଥିଲେ। ଏଥିସହିତ ବିଭାଗର ଅନ୍ୟ ବରିଷ୍ଠ ଅଧାପିକା ସୁଜାତା କୁମାରୀ ସାହୁ, ଅଧାପିକା ସସ୍ମିତା ବେହେରା ଓ ଅଧାପକ ସୁକାନ୍ତ କୁମାର ବାରିକଙ୍କ ସହଯୋଗରେ ସଭାଟି ସୁଚ଼ାରୁରୂପେ ସମ୍ପାଦିତ ହୋଇଥିଲା।ଏହି ସମାରୋହକୁ +୩ ଶେଷ ବର୍ଷ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ସଭା ଆୟୋଜନ କରିଥିଲେ। ସେମିନାର ସେକ୍‌ରେଟାରୀ ମୋନାଲିସା ପଣ୍ଡା ସଭାକାର୍ଯ୍ୟ ଆରମ୍ଭ କରିଥିଲେ ଓ ସହ ସେମିନାର ସେକ୍‌ରେଟାରୀ ସୁଚ଼ୀସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପକ ଓ ଅଧାପିକା ମାନେ ମଧ ଏହି ସଭାରେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍ ବୋଧନ ଦେଇଥିଲେ।

## ଯୁବଶକ୍ତି ଯେତେ ସଶକ୍ତ ହେବ ଦେଶର ବିକାଶ ସେତେ ଅଧିକ ହେବ :ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ଦେଶ ପାଖରେ ଥିବା ସମ୍ବଳର ଉପଯୋଗ କରିବା ପାଇଁ ଯୁବ ଶକ୍ତି ଭଳି ଗୁରୁତ୍ତ୍ୱପୂର୍ଣ୍ଣ ଶକ୍ତିର ଆବଶ୍ୟକତା ରହିଛି । ଏହି ଯୁବଶକ୍ତି ଯେତେ ସଶକ୍ତ ହେବ ଦେଶର ବିକାଶ ସେତେ ଅଧିକ ହେବ ବୋଲି ଗୁରୁବାର 'କୌଶଳ ଦୀକ୍ଷାନ୍ତ ସମାରୋହ-୨୦୨୩'ରେ ଭର୍ଚୁଆଲ ପ୍ଲାଟଫର୍ମରେ ଉଦବୋଧନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ସମାରୋହରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସବୁ ଦେଶ ପାଖରେ ପ୍ରାକୃତିକ ସମ୍ବଳ, ଖଣିଜ ସମ୍ପଦ ଏବଂ ସୁଦୀର୍ଘ ସମୁଦ୍ର ବେଳାଭୂମି ଭଳି ଭିନ୍ନ ଭିନ୍ନ ସାମର୍ଥ୍ୟ ରହିଛି । କିନ୍ତୁ ଏହି ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ଯେଉଁ ମହତ୍ତ୍ୱପୂର୍ଣ୍ଣ ଶକ୍ତିର ଆବଶ୍ୟକତା ରହିଛି ତାହା ହେଉଛି ଯୁବ ଶକ୍ତି । ଏହି ଯୁବଶକ୍ତି ଯେତେ ସଶକ୍ତ ହେବେ ସେତେ ଦେଶର ବିକାଶ ହେବ । ଆଜି ଭାରତ ଏହି ଭାବନା ସହ ନିଜର ଯୁବଶକ୍ତିଙ୍କୁ ସଶକ୍ତ କରୁଛି । ସମଗ୍ର ପରିସଂସ୍ଥାନରେ ଅଭୁତପୂର୍ବ ପରିବର୍ତ୍ତନ ଆଣୁଛି ଏବଂ ଏଥିରେ ମଧ ଦେଶ ଦୁଇ ପ୍ରକାର ପଦକ୍ଷେପ ନେଉଛି । ଯୁବବର୍ଗଙ୍କୁ ଦକ୍ଷ କରିବା ସହ ଶିକ୍ଷା ଦ୍ୱାରା ନୂଆ ସୁଯୋଗର ଲାଭ ଉଠାଇବା ପାଇଁ ପ୍ରସ୍ତୁତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ସ୍କିଲକୁ ସମ୍ମାନ ଦେବା ଓ ଦେଶରେ ଥିବା ଦକ୍ଷତା ପ୍ରତିଭାକୁ ସମ୍ମାନିତ କରିବା ଦିଗରେ କୌଶଳ ଦୀକ୍ଷାନ୍ତ ସମାରୋହ ଏକ ବିଶେଷ କାର୍ଯ୍ୟକ୍ରମ । ଏହି ବାର୍ଷିକ ଦକ୍ଷତା ସମାବର୍ତ୍ତନ ସମାରୋହରେ ସ୍କିଲ୍ ସାର୍ଟିଫିକେଟ୍ ଗ୍ରହଣ କରିଥିବା ଦକ୍ଷତା ପରିସଂସ୍ଥାନର ୧୦.୬୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ଏକ ବଡ ଉପଲବ୍ଧି ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍କିଲ୍ ସାର୍ଟିଫିକେସନରେ ମହିଳାଙ୍କ ସଂଖ୍ୟା ବଢିବା ଖୁସିର ବିଷୟ । ବିଗତ ବର୍ଷ ମାନଙ୍କରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢିବାରେ ଲାଗିଛି । ଭାରତରେ ୨୦୧୭ରେ ବେରୋଜଗାର ହାର ୬ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ଏହା ୩.୨ ପ୍ରତିଶତରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ଦେଶରେ ସ୍କିଲ୍ ଇକୋସିଷ୍ଟମରେ ୧.୫ କୋଟି ନାଗରିକ ସାମିଲ ହୋଇଛନ୍ତି । ବିଶ୍ୱରେ ଦକ୍ଷତା ପରବର୍ତ୍ତନଶୀଳ । ଆମ ସ୍କିଲିଂ ଇକୋସିଷ୍ଟମକୁ ମଧ ପରିବର୍ତ୍ତନ କରିବାକୁ ହେବ ଏବଂ ଦକ୍ଷତା ବିକାଶକୁ ଅଧିକ ଆକାଂକ୍ଷୀ କରିବାକୁ ହେବ । ଜାତୀୟ ଶିକ୍ଷା ନୀତିରେ ସ୍କୁଲ ଶିକ୍ଷା ଓ ଦକ୍ଷତା ବିକାଶକୁ ଏକାଠି କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି । ସ୍କିଲ୍ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ଦ୍ୱାରା ଉଭା ହେଉଥିବା କ୍ଷେତ୍ର ଗୁଡିକରେ ସ୍କିଲର କୋର୍ସ ପ୍ରସ୍ତୁତ କରାଯାଉଛି ଏବଂ ଏହାକୁ ସ୍କୁଲର ପାଠ୍ୟକ୍ରମରେ ଯୋଡାଯାଉଛି । ଭାରତର ପ୍ରତିଭାବାନ ଯୁବଶକ୍ତିଙ୍କ ସ୍କିଲ୍ ଆବଶ୍ୟକତାକୁ ପୂରଣ କରିବା ଓ ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ସବୁପ୍ରକାର ପଦକ୍ଷେପ ନିଆଯାଉଛି । ଦେଶର ମାନବ ସମ୍ବଳକୁ ସ୍କିଲ୍ ଏବଂ ଅପସ୍କିଲ୍ କରି ଏକ ବିକଶିତ ଭାରତ ଓ ଭାରତକୁ ବିଶ୍ୱର କୌଶଳର ପେଣ୍ଠସ୍ଥଳୀରେ ପରିଣତ କରିବାର କଳ୍ପନାକୁ ସାକାର କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ।

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଷ୍ମ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।

## ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ କୁଜଙ୍ଗ ଲବଣ ସତ୍ୟାଗ୍ରହ ସ୍ଥାନରୁ ମାଟି ସଂଗ୍ରହ



ପାରାଦୀପ,(ପି.ଏନ): ସ୍ୱାଧୀନତାର ଅମୃତ ମହୋତ୍ସବର ସମାପନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଆହ୍ୱାନ କ୍ରମେ କାର୍ଯ୍ୟକ୍ରମ ଯୋଜନା 'ମୋ ମାଟି ମୋ ଦେଶ' ଅଭିଯାନ ପାରାଦୀପ ନିର୍ବାଚ଼ନ ମଣ୍ଡଳୀ ଅନ୍ତର୍ଗତ ଗୋପିଆକୁଦ ପଞ୍ଚାୟତର କାଳିଆପାଟର ପବିତ୍ର ସ୍ଥାନ ୧୯୩୦ ମସିହାରେ ହୋଇଥିବା ଲବଣ ସତ୍ୟାଗ୍ରହ ସ୍ଥାନରୁ କୁଜଙ୍ଗ ବ୍ଲକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ପବିତ୍ର ସ୍ଥାନରେ ଶହ ଶହ ଲୋକଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ପବିତ୍ର ମାଟି ସଂଗ୍ରହ କରାଯାଇ ବିଜେପି ନେତା ସମ୍ପଦ ସ୍ୱାଇଁ ଙ୍କ ନେତୃତ୍ୱରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା ଓ ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ରାଷ୍ଟ୍ର ଭକ୍ତିରେ ସମସ୍ତଙ୍କ ମଧ୍ୟରେ ଏକ ଭାବାତ୍ମକ ପରିବେଶ ସୃଷ୍ଟି ହୋଇଥିଲା ଓ ବିଜେପି ନେତା ସମ୍ପଦ ଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଓ ସାଧାରଣ ଲୋକଙ୍କ ଙ୍କ ସହିତ ଆଖପାଖ ଅଞ୍ଚଳର ରାଷ୍ଟ୍ରଭକ୍ତ ,ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅବସରପ୍ରାପ୍ତ ସେନାଅଧିକାରୀ ଏକତ୍ରିତ ହୋଇ ପ୍ରଥମେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ଓ ଏହା ପରେ ମାତା ବସୁଧା ବନ୍ଦନା କରି ସେହି ପବିତ୍ର ମାଟିକୁ ଅଞ୍ଜଳିର ଆଣି ସମ୍ପଦ ସ୍ୱାଇଁଙ୍କ ହସ୍ତରେ ଥିବା ଅମୃତ କଳସରେ ଅର୍ପଣ କରିଥିଲେ ଓ ଉପସ୍ଥିତ ଶତାଧିକ ରାଷ୍ଟ୍ରପ୍ରେମୀ ଦେଶ ପ୍ରେମରେ ବନ୍ଦେ ମାତରଂ ପ୍ରତିଧ୍ୱନିରେ ପରିବେଶକୁ ଗମ୍ଭୀର କରିଦେଇଥିଲେ ଓ ଶେଷରେ ବିଜେପି ନେତା ସମ୍ପଦ ସ୍ୱାଇଁ ଉପସ୍ଥିତ ଦେଶ ଭକ୍ତ ମାନଙ୍କୁ ପାଞ୍ଚଟି ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ - ୨୦୪୭ ସୁଦ୍ଧା ଭାରତକୁ ଏକ ଆତ୍ମନିର୍ଭର ତଥା ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନକୁ ସାକାର କରିବା,ଦାସତ୍ୱର ମାନସିକତାକୁ ସମୂଳେ ନିପାତ କରିବା, ଦେଶର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରିବା,ଭାରତର ଏକତା ଓ ଅଖଣ୍ଡତାକୁ ସୁଦୃଢ଼ କରିବା ଏବଂ ଦେଶର ସୁରକ୍ଷା ପାଇଁ ସମର୍ପିତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ କରିବା, ନାଗରିକ ଭାବେ ଦେଶ ପ୍ରତି ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହ ପାଳନ କରିବା ଓ ଏହାପରେ ବିଜେପି ନେତା ସମ୍ପଦ ସ୍ୱାଇଁ ଅମୃତ କଳସକୁ ଦିଲ୍ଲୀର 'କର୍ତ୍ତବ୍ୟପଥ' କୁ ପଠାଇବା ପାଇଁ ସମ୍ମାନର ସହିତ ଆଣିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଯୁଗଳ କିଶୋରେ ପ୍ରଧାନ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ,ପ୍ରତାପ ଦାସ ,ମଣ୍ଡଳ ସଭାପତି ଚୈତନ୍ୟ ଖଟୁଆ,ନୃସିଂହ ଚୌଧୁରୀ, ପ୍ରଦୀପ୍ତ ମହାପାତ୍ର , ତରଣୀ ରାଉତ, ହିରନ୍ୟ ମାଝୀ, ବବି ରାଉତ, ରାମ ଦଳାଇ, ପ୍ରସନ୍ନ ସ୍ୱାଇଁ,ପୂର୍ବତନ ଜିଲ୍ଲାପରିଷଦ ସୁଶ୍ରୀ ପ୍ରିୟଦର୍ଶିନୀ, ଦିପ୍ତିମୟୀ ବସ୍ତିଆ, ଲକ୍ଷ୍ମୀପ୍ରିୟା ଚୌଧୁରୀ, ସଂଯୁକ୍ତା ସାମଲ, ବୀଣାପାଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ଓ ସୂଚ଼ନାଥାଉକି ଏହି ସଂଗୃହିତ ମାଟି ଏକ ଭାରତ ଶ୍ରେଷ୍ଠ ଭାରତ ପ୍ରତିବଦ୍ଧତା ପ୍ରତୀକ ରୂପେ ଦିଲ୍ଲୀର ଅମୃତ ବାଟିକା ରେ ସ୍ଥାପନା କରାଯିବ ।




# ନୂଆ ଗର୍ଭପାତ ଆଇନ

ଗର୍ଭ ନଷ୍ଟ କରିବାର ସମୟ ସୀମାକୁ ଚାରି ସପ୍ତାହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗର୍ଭପାତ ସଂଶୋଧନ ବିଲ୍-୨୦୨୦ ଉପରେ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ସଂସଦର ଆଗାମୀ ଅଧିବେଶନରେ ଏହି ବିଲ ଉପସ୍ଥାପନ କରାଯିବ। ଏହାଫଳରେ ଆଗାମୀ ଦିନରେ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କ ଗର୍ଭକୁ ୨୪ ସପ୍ତାହ ମଧ୍ୟରେ ନଷ୍ଟ କରିପାରିବେ। ଏଥିପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ। ତେବେ ଏହି ୨୪ ସପ୍ତାହର ସମୟସୀମା କେବଳ ବିଶେଷ କ୍ଷେତ୍ରରେ ଲାଗୁ ହେବ। ଦୁଷ୍କର୍ମ ପୀଡ଼ିତା, ରୋଗଗ୍ରସ୍ତ ମହିଳା ଓ ଅବାଞ୍ଛିତ ଗର୍ଭଧାରଣକୁ ନଷ୍ଟ କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି। ପୂର୍ବରୁ ଗର୍ଭ ନଷ୍ଟ କରିବାର ଆଇନଗତ ସମୟସୀମା ୨୦ ସପ୍ତାହ ରହିଥିଲା। ବୁଧବାରର କ୍ୟାବିନେଟ ନିଷ୍ପ ି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି କି ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ସଂଶୋଧନ ବିଲ ୨୦୨୦କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଫଳରେ ୧୯୭୧ ମସିହା ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ଆଇନରେ ସଂଶୋଧନ କରିବାର ରାସ୍ତା ସଫା ହୋଇଛି। ଏହି ବିଲକୁ ସଂସଦର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ବିଲ ଗୃହୀତ ହେଲେ ମହିଳାମାନେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରିବାକୁ ଆଇନଗତ ଭାବେ ଅଧିକାର ପାଇବେ। ତେବେ ଏହା ପୂର୍ବରୁ ୨ଜଣ ଡାକ୍ତରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ଦୁଇ ଡାକ୍ତରଙ୍କ ମଧ୍ୟରୁ ଜଣେ ସରକାରୀ ଡାକ୍ତର ହୋଇଥିବା ଦରକାର। ସୂଚନାଯୋଗ୍ୟ କି ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରାଯିବାବେଳେ ପ୍ରସୂତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେବେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କଲେ ଏହା ସୁରକ୍ଷିତ ହୋଇପାରିବ ବୋଲି କୁହାଯାଉଛି। ଏହି ସଂଶୋଧିତ ବିଲ ଫଳରେ ଦୁଷ୍କର୍ମ ପୀଡ଼ିତା ଓ ନାବାଳିକା ଗର୍ଭବତୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ। ଅନେକ ସମୟରେ ବେଆଇନ ଭାବେ ଲୁଚାଛପାରେ ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଯାଉଥିବାରୁ ଜଣେ ଯୁବତୀ ପରବ ୀ ସମୟରେ ମା'ହୋଇ ପାରୁନାହାନ୍ତି। ତେଣୁ ଏହି ନୂଆ ଆଇନ ଫଳରେ ଏବେ ଏହି ବିପଦ ମଧ୍ୟ ଆଉ ରହିବନାହିଁ। ସୂଚନାଯୋଗ୍ୟ କି ଗତବର୍ଷ ଗର୍ଭପାତ ସମୟସୀମା ବୃଦ୍ଧି କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ହାଇକୋର୍ଟଙ୍କୁ କୁହାଯାଇଥିଲା କି ଗର୍ଭପାତ ସମୟସୀମାକୁ ୨୦ ସପ୍ତାହରୁ ୨୪ କିମ୍ବା ୨୬ ସପ୍ତାହ କରିବା ପାଇଁ ବିଚାରବିମର୍ଶ ଆରମ୍ଭ କରାଯାଉଛି। ଅମିତ ଶାହିନ ନାମକ ଯୁବକ ତାଙ୍କ ଜନସ୍ୱାର୍ଥ ମାମଲାରେ କହିଥିଲେ ଯେ ମହିଳାମାନେ ଗର୍ଭଧାରଣ ପରେ ସମାଜରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଭଳି ଭାବେ ଗର୍ଭ ଧାରଣର କ୍ଷମତା ମହିଳାଙ୍କ ପାଖରେ ରହିଛି, ଠିକ୍ ସେହିପରି ଗର୍ଭ ନଷ୍ଟ କରିବାର କ୍ଷମତା ମଧ୍ୟ ମହିଳାଙ୍କ ପାଖରେ ରହିବା ଦରକାର ବୋଲି ସେ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ କି ନେପାଳ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରିଆ, ଇଥିଓପିଆ, ଇଟାଲୀ, ସ୍ପେନ, ଆଇସଲ୍ୟାଣ୍ଡ, ନରୱେ, ଫିନଲ୍ୟାଣ୍ଡ, ସ୍ୱିଡ଼େନ ଓ ସ୍ୱିଜରଲ୍ୟାଣ୍ଡ ଭଳି ଦେଶର ଗର୍ଭପାତ କରିବାର ସମୟସୀମା ୨୦ ସପ୍ତାହରୁ ଅଧିକ ରହିଛି। ସେହିପରି ଡ଼େନମାର୍କ, ଘାନା, କ୍ୟାନାଡା, ଜର୍ମାନୀ, ଭିଏତନାମ ଓ ଜିମ୍ବାୱେ ଭଳି ଦେଶରେ ଯେ କୌଣସି ସମୟରେ ଗର୍ଭପାତ କରିବାକୁ ଅନୁମତି ଦିଆଯାଇଛି।

ଗର୍ଭାବସ୍ଥାର କିଛି ସପ୍ତାହ ମଧ୍ୟରେ ଭ୍ରୂଣକୁ ନଷ୍ଟ କରାଯିବା ପ୍ରକ୍ରିୟାକୁ କୁହାଯାଏ ଗର୍ଭପାତ । ଭାରତରେ ପ୍ରଚଳିତ ଏମଟିପି ଆକ୍ଟ ଅନୁଯାୟୀ କେଉଁ ପରିସ୍ଥିତିରେ ଗର୍ଭପାତ ହୋଇପାରିବ, କିଏ ଗର୍ଭପାତ କରିବେ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନ ଓ ସ ି ବ୍ୟବସ୍ଥା ରହିଛି । ତଥାପି ଅଜ୍ଞତାବଶତଃ ବହୁ ମହିଳା ବିନା ଡାକ୍ତରୀ ପରାମର୍ଶରେ ଅସୁରକ୍ଷିତ ଉପାୟରେ ଗର୍ଭପାତ କରୁଛନ୍ତି। ଯାହାଦ୍ୱାରା କେତେକ କ୍ଷେତ୍ରରେ ଗର୍ଭସ୍ଥ ଶିଶୁସହ ମାଆର ବି ମୃତ୍ୟୁ ହୋଇଥାଏ। ମାତୃତ୍ୱର ପ୍ରଥମ ପର୍ଯ୍ୟାୟ ହେଉଛି ଗର୍ଭାବସ୍ଥା। କୁହାଯାଏ ଯେ ଗର୍ଭାବସ୍ଥାରେ ନାରୀଟିର ମୁହଁରୁ ମାତୃତ୍ୱର ଆଭା ଖୁବ୍ ସୁନ୍ଦର ଭାବରେ ଫୁଟି ଉଠୁଥାଏ । କିନ୍ତୁ ଆମ ଦେଶରେ ଏହି ମାତୃତ୍ୱର ପ୍ରଥମ ପର୍ଯ୍ୟାୟଟିରେ ହିଁ ଲକ୍ଷ ଲକ୍ଷ ମହିଳା ସବୁଦିନ ପାଇଁ ଆଖି ବୁଜିଥାନ୍ତି। ପ୍ରାକୃତିକ ଭାବେ ଯଥା ଶାରୀରିକ ଅସୁସ୍ଥତା, ଦୂରଯାତ୍ରା, ଭାରୀ ଓଜନ ଉଠାଇବା ଇତ୍ୟାଦି କାରଣରୁ ମିସ୍‌କ୍ୟାରେଜ୍ ହୋଇଥାଏ। ଆଉ କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାର ଶାରୀରିକ ସ୍ଥିତି ଓ ଅବସ୍ଥାକୁ ଲକ୍ଷ୍ୟ କରି ଡାକ୍ତରଙ୍କ ପରାମର୍ଶରେ ହିଁ ଗର୍ଭସ୍ଥ ଭ୍ରୂଣଟିର ନଷ୍ଟ କରାଯାଇଥାଏ। ଏହା ବ୍ୟତୀତ ଆଉ କେତେକ କାରଣ ଯଥା ଗର୍ଭଧାରଣ ଯୋଗୁଁ ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ଥିଲେ ଶିଶୁଟିର ଜନ୍ମ ପରେ ବିକଳାଙ୍ଗ ହେବାର ଆଶଂକା ଥିଲେ ବା କେତେକ କ୍ଷେତ୍ରରେ ଗର୍ଭରେ ଥିବା ଏକରୁ ଅଧିକ ପିଲାର କାରଣରୁ ଡାକ୍ତରଙ୍କ ପରାମର୍ଶରେ ଗର୍ଭପାତ କରାଯାଇଥାଏ। ଯାହାକୁ ଥେରାପେଟିକ୍ ଆବର୍ସନ କୁହାଯାଏ। ସେହିପରି କେତେକ ମହିଳାଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବ୍ୟବସ୍ଥା ବିଫଳ ହେଲେ ଇତ୍ୟାଦି କାରଣରୁ ଗର୍ଭପାତ କରାଯାଇଥାଏ, ଯାହାକୁ ଇଲେକ୍‌ଟିଭ୍ ଆବର୍ସନ କୁହାଯାଏ।

୧୯୭୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ମେଡ଼ିକାଲ ଟର୍ମିନେସନ୍ ଅଫ୍ ପ୍ରେଗେନାନ୍ସି ବା ଏମଟିପି ଆକ୍ଟ କାର୍ଯ୍ୟକାରୀ ହେଲା। ଗର୍ଭବତୀ ମହିଳା କିମ୍ବା ଗର୍ଭସ୍ଥ ଶିଶୁର ଜୀବନ ହାନି ପରି ପରିସ୍ଥିତି ଉପୁଜିଲେ ଗର୍ଭପାତ କରାଯାଇଥାଏ । ସେହିପରି ଅଲଟ୍ରା ସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁଟି ଯଦି ବିକଳାଙ୍ଗ ବୋଲି ଜଣାପଡ଼େ କିମ୍ବା ଧର୍ଷଣର ଶିକାର ଦ୍ୱାରା ଗର୍ଭବତୀ କାରଣ, ଅପରିପକ୍ୱ ବାଳିକାଙ୍କ କ୍ଷେତ୍ରରେ ଏହିପରି କିଛି କାରଣକୁ ନେଇ ସାମାଜିକ ଦୃଷ୍ଟିକୋଣରୁ ଗର୍ଭପାତ ଆଇନ ସମ୍ମତ । ତେବେ ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ହିଁ ସବୁ ଦିଗରୁ ବିଚାର କରି ନିଷ୍ପ ି ନେଇଥାନ୍ତି । ଗର୍ଭନିରୋଧ ବ୍ୟବସ୍ଥା ବିଫଳ ହେଲେ ବାର ସପ୍ତାହ ମଧ୍ୟରେ ଗର୍ଭପାତ କରାଯାଇଥାଏ । କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ବାରରୁ କୋଡିଏ ସପ୍ତାହ ମଧ୍ୟରେ ଗର୍ଭପାତ ଆଇନ ସମ୍ମତ ହୋଇଥାଏ । ଜୀବନ ପ୍ରତି ବିପଦ ଥିବା କାରଣରୁ ଏହି ସମୟରେ ଗର୍ଭପାତ ନିହାତି ଆବଶ୍ୟକ ହୋଇଥାଏ । ତେବେ ଗର୍ଭପାତ ପାଇଁ ମନ ନବଳାଇ ବରଂ ସୁରକ୍ଷିତ ଶିଶୁଟିକୁ ନୂତନ ଆଲୋକ ଦେଖାଇବା ପାଇଁ ଗର୍ଭବତୀମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ।

## ଅଖିଳ ଭାରତୀୟ ଗ୍ରାହକ ପଂଚାୟତର ନୂତନ ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର (ପିଏନ୍): ଅଖିଳ ଭାରତୀୟ ଗ୍ରାହକ ପଂଚାୟତର ନୂତନ ରାଜ୍ୟ କାର୍ଯ୍ୟକାରିଣୀ ଗଠନ କରାଯାଇଛି । ବିପିନ ବିହାରୀ ବାରିକ ରାଜ୍ୟ ଅଧକ୍ଷ ଓ ଦୀନବନ୍ଧୁ ରାଉତ କାର୍ଯ୍ୟକାରୀ ଅଧକ୍ଷ ରୂପେ ମନୋନୀତ ହୋଇଛନ୍ତି । ସେହିପରି ସୁଭାଷ ଚନ୍ଦ୍ର ମହାନ୍ତି-ଉପାଧକ୍ଷ, ମହେନ୍ଦ୍ର କୁମାର ପ୍ରଧାନ- ସଂଗଠନ ମନ୍ତ୍ରୀ, ପ୍ରସନ୍ନ କୁମାର ନାୟକ-ସହ ସଂଗଠନ ମନ୍ତ୍ରୀ, ସ୍ନେହାଂଶୁ କୁମାର ପଟ୍ଟନାୟକ-ସଂପାଦକ, ସୁଭାଷ ଚନ୍ଦ୍ର ବେହୁରା-ସହ ସଂପାଦକ, ଅଜୟ କୁମାର ଚୌଧୁରୀ-କୋଷାଧକ୍ଷ, ରାଜେଶ କୁମାର ପଟ୍ଟନାୟକ-କାର୍ଯ୍ୟାଳୟ ସଂପାଦକ, କୌସ୍ତୁଭ ଚୌଧୁରୀ-ଅଭ୍ୟାସ ମଣ୍ଡଳ, ସଦାଶିବ ମିଶ୍ର-ରୋଜଗାର ସୃଜନ, ଗଣେଶ୍ୱର ପରିଡା- ପର୍ଯ୍ୟାବରଣ, ଭି.ଭି ରାମଦାସ-ବିଧି ପ୍ରକୋଷ୍ଠ, ମନୋରଂଜନ ପଟ୍ଟନାୟକ-ପ୍ରଚାର ପ୍ରକୋଷ୍ଠ, ଜୟଶ୍ରୀବାଳା ମଲ୍ଲିକ-ମହିଳା ଜାଗରଣ, ଚିନ୍ମୟୀ ଜେନା-ମହିଳା ସହଜାଗରଣ ରୂପେ ମନୋନୀତ ହୋଇଥିବା ବେଳେ ୭ ଜଣ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି ବୋଲି ରାଜ୍ୟ ସଂଗଠନ ମନ୍ତ୍ରୀ ମହେନ୍ଦ୍ର କୁମାର ପ୍ରଧାନ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

## ଜେ.ସି. କଲୋନୀ ସାମୂହିକ ସଫେଇ



ପାରାଦୀପ (ପିଏନ୍)-ପାରାଦୀପ ବନ୍ଦରର ଜେସି କଲୋନୀରେ ଏକ ସାମୂହିକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କଲୋନୀର ଅକ୍ଷୟ କୁମାର ବେହେରା, ଜର୍ଜ ପଲ୍ ରବିନସନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲୋନୀର ଅନ୍ତେବାସୀମାନେ ରାସ୍ତାକଡରେ ଥିବା ଅନାବନା ଗଛଲତାକୁ କାଟି ସଫା କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରପାଳିକା ସହଯୋଗ କରିଥିଲା । ଏହି ସଫେଇ କାର୍ଯ୍ୟକ୍ରମରେ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ ଯୋଗଦେଇ କଲୋନୀର ଅନ୍ତେବାସୀଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । ପାରାଦୀପ ପୌରପାଳିକା ପକ୍ଷରୁ ପ୍ରତ୍ୟେହ କଲୋନୀ ଓ ବସ୍ତିଗୁଡିକ ସଫେଇ କରାଯାଉଛି । ଅନ୍ତେବାସୀ ମାନେ ନିଜେ ସଚେତନ ହେଲେ ନିଜ ପରିବେଶ ସଫା ରହିପାରିବ ବୋଲି ସେ କହିଥିଲେ । ନିଜ ଅଳିଆ ଏଣେତେଣେ ନ ପକେଇ ଅଳିଆ ସଂଗ୍ରହ ଗାଡିରେ ଦେବାକୁ ସେ ନିବେଦନ କରିଥିଲେ । ଏହା ହେଲେ ଜେସି କଲୋନୀ ପରି ନିଜ ଅଂଚଳ ସଫା ରହିପାରିବ ବୋଲି ନଗରପାଳ ଶ୍ରୀ ବିଶ୍ୱାଳ ଆହ୍ୱାନ ଦେଇଥିଲେ ।

## ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘର ବୈଠକ



ବାଲେଶ୍ୱର (ପିଏନ୍)-ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବୈଠକ ସର୍ବଭାରତୀୟ ସଭାପତି ପୀତବାସ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାମ୍ବାଦିକମାନଙ୍କର ସୁରକ୍ଷା, ପେନ୍‌ସନ୍ ଏବଂ ସ୍ୱାସ୍ଥ୍ୟ ବୀମାରାଶିକୁ ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ବୃଦ୍ଧି ପାଇଁ ଆଲୋଚନା କରାଯାଇଥିଲା। ଜଳେଶ୍ୱର ସାମ୍ବାଦିକ ମାନେ ସେଠାକାର ଆଇ.ଆଇ.ସି ଓ ଏସଡିପିଓ କେସ୍ ନଂ ୧୬୯/ ୨୦୨୨ର ଅପରାଧୀଙ୍କୁ ଧରିବାକୁ ଚେଷ୍ଟା କରିନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ସେ ସମ୍ପର୍କରେ ଆରକ୍ଷୀ ଅଧକ୍ଷକଙ୍କୁ ଭେଟି ଏକ ଦାବିପତ୍ର ଦେବା ପାଇଁ ନିଷ୍ପତି ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ପଂଚାନନ ପରିଡ଼ାଙ୍କ ବିୟୋଗରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସର୍ବଭାରତୀୟ ସଭାପତି ପୀତବାସ ମିଶ୍ର, ଜିଲ୍ଲା ସଭାପତି ସତ୍ୟପ୍ରିୟ ମହାନ୍ତି, ସଂପାଦିକା ଅପର୍ଣ୍ଣା ମହାପାତ୍ର, ବ୍ରଜକିଶୋର ଜେନା, ଜୟଶ୍ରୀ ବିଶ୍ୱାଳ, ଦମୟନ୍ତୀ ମହାପାତ୍ର, କଞ୍ଚମଣି ସ୍ୱାଇଁ, ତାପସ ସାହୁ, ବିକାଶ ଦାସ, ବିଜୟ ଗିରି, ଗୌରାଙ୍ଗ ବ୍ରହ୍ମ ପ୍ରମୁଖ ଉପସ୍ଥିତ ଥିଲେ।

# ହେଲମେଟ୍ ମ୍ୟାନ୍





ଦିନକୁ ଦିନ ସଡ଼କ ଦୁର୍ଘଟଣା ଉଦ୍‌ବେଗଜନକ ଭାବେ ବଢ଼ି ଚାଲୁଛି। ତେବେ ଏସବୁ କ୍ଷେତ୍ରରେ ସରକାରୀ ବ୍ୟବସ୍ଥାରେ ସଚେତନତା ଓ ବିଭିନ୍ନ ପ୍ରକାର ଲୋକପ୍ରିୟ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଦିନକୁ ଦିନ ଯଦିଓ ଲୋକମାନଙ୍କ ଭିତରେ ସଚେତନତା ବଢୁଛି କିନ୍ତୁ ତଥାପି ସଡ଼କ ଦୁର୍ଘଟଣା ଯେଉଁପରି ଭାବେ ବଢୁଛି ତାହାପାଇଁ ଆହୁରି ବ୍ୟାପକ ଆତ୍ମଚିନ୍ତନ ସହ ସଚେତନତା ଅତ୍ୟନ୍ତ ଜରୁରୀ। ନିକଟରେ ଏକ ଜାତୀୟ ଗଣମାଧମରେ ଏକ ଖବର ପ୍ରକାଶ ପାଇଛି ଯାହାକି ବିନା ହେଲମେଟରେ ଗାଡ଼ି ଚଳାଉଥିବା ଲୋକମାନଙ୍କ ପାଇଁ ଏକ ବନ ସଚେତନତାର ବାର୍ତ୍ତା କହିଲେ ଅତ୍ୟୁକ୍ତି ହେବନାହିଁ। ହେଲମେଟ ଗାଡ଼ି ଚାଳକଙ୍କ ଜୀବନ ରକ୍ଷା କବଚ। ଏଭଳି ବାର୍ତ୍ତା ଦେଇ ସଚେତନତା ସୃଷ୍ଟି କରୁଛନ୍ତି ବିହାର ମଧୁବନୀ ଅଞ୍ଚଳର ରାଘବେନ୍ଦ୍ର କୁମାର। କେବଳ ଯେ, ସେ ସଚେତନତା ସୃଷ୍ଟି କରୁଛନ୍ତି ତାହା ନୁହେଁ, ଲୋକମାନଙ୍କୁ ହେଲମେଟ ବାଣ୍ଟି ଦେଶର ହେଲମେଟ ମ୍ୟାନ ପାଲଟି ଯାଇଛନ୍ତି। ୨୦୧୪ ମସିହାର ନୋଏଡ଼ା ଏକ୍ସପ୍ରେସୱେରେ ଘଟିଥିବା ଏକ ଦୁର୍ଘଟଣା ତାଙ୍କ ଜୀବନକୁ ପରିବର୍ତ୍ତନ କରିଦେଇଛି। ଏହି ସଡ଼କ ଦୁର୍ଘଟଣାରେ ସେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ କୃଷ୍ଣ କୁମାରଙ୍କୁ ହରାଇଥିଲେ। ସେବେଠାରୁ ରାଘବେନ୍ଦ୍ର ହେଲମେଟ ପିନ୍ଧି ନଥିବା ବାଇକ ଚାଳକଙ୍କୁ ହେଲମେଟ ବାଣ୍ଟୁଛନ୍ତି। ଆଠ ବର୍ଷ ମଧ୍ୟରେ ସେ ୨୨ରୁ ଅଧିକ ରାଜ୍ୟରେ ୫୦ ହଜାରରୁ ଅଧିକ ବାଇକ ଆରୋହୀଙ୍କୁ ହେଲମେଟ ବାଣ୍ଟିଛନ୍ତି। କେଳବ ସେତିକି ନୁହେଁ, ସଡ଼କ ସୁରକ୍ଷା ସମ୍ବନ୍ଧରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ରାଘବେନ୍ଦ୍ର ମଧ୍ୟ କାର୍ଯ୍ୟ କରନ୍ତି। ଏଥିପାଇଁ ସେ ସର୍ବସ୍ୱ ତ୍ୟାଗ କରିବାକୁ ପଛାଇ ନାହାନ୍ତି। ଏହି ମିଶନକୁ ପୂରଣ କରିବା ପାଇଁ ରାଘବେନ୍ଦ୍ର ନୋଏଡ଼ା ସ୍ଥିତ ତାଙ୍କ ଫ୍ଲାଟ ବିକ୍ରି କରିଦେବା ସହ ନିଜର ପୈତୃକ ସମ୍ପତ୍ତି ମଧ୍ୟ ବିକ୍ରି କରିଥିଲେ। ଏପରିକି ସେ କରିଥିବା ଚାକିରି ମଧ୍ୟ ଛାଡ଼ି ଦେଇଛନ୍ତି। କୌଣସି ଦିଗରୁ ସାହାଯ୍ୟ ନପାଇ ମଧ୍ୟ ସେ ହାର ମାନି ନାହାଁନ୍ତି। ନିଜ ମିଶନକୁ ପୂରଣ କରିବା ପାଇଁ ସେ ତାଙ୍କ ପତ୍ନୀଙ୍କ ଗହଣା ମଧ୍ୟ ବନ୍ଧା ପକାଇଛନ୍ତି। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହି ମିଶନ ପାଇଁ କାର୍ଯ୍ୟ ଜାରି ରଖିବେ ବୋଲି ରାଘବେନ୍ଦ୍ର ପଣ କରିଛନ୍ତି। କେବଳ ସେତିକି ନୁହେଁ, ରାଘବେନ୍ଦ୍ର ମଧ୍ୟ ଗରିବ ପିଲାମାନଙ୍କୁ ସେମାନଙ୍କ ଶିକ୍ଷାରେ ସାହାଯ୍ୟ କରନ୍ତି। ସେମାନଙ୍କୁ ମାଗଣାରେ ପୁରୁଣା ବହି ଯୋଗାଇ ଦେଇଥାନ୍ତି। ରାଘବେନ୍ଦ୍ର ହେଲମେଟ ବଦଳରେ ଲୋକଙ୍କ ଠାରୁ ପୁରୁଣା ବହି ଆଣି ଗରିବ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ଦେଇଥାନ୍ତି। ହେଲମେଟ ଆମ ସଡ଼କ ଦୁର୍ଘଟଣାର ବଡ଼ ସୁରକ୍ଷିତ ବ୍ୟବସ୍ଥା। ଏ କ୍ଷେତ୍ରରେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନତା କରିବା ଏକ ଉତ୍ତମ ନାଗରିକର କର୍ତ୍ତବ୍ୟ।

**—ନାଟ୍ୟସାରଥି ଅଭୟ କୁମାର ଦାସ**, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

## ସ୍କୁଲ ବସ ସେବା ଆରମ୍ଭ ଉଦ୍ୟମ ପାଇଁ ସରଖେଲଙ୍କ ସଂଗଠନକୁ ପ୍ରଶଂସା



ପାରାଦୀପ (ପିଏନ୍)-ନିକଟ ଅତିତରେ ପାରାଦୀପ ପୌର ନିର୍ବାଚନରେ ସର୍ବାଧିକ ସ୍ୱାଧୀନ ପାରିଷଦ ବିଜୟୀ ହୋଇଥିବା ଆମ ପାରାଦୀପ ଆମ ପ୍ରଗତୀ ସଂଗଠନ ସେତେବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏହି ସଂଗଠନର ପ୍ରତିଷ୍ଠାତା ବିଶିଷ୍ଟ ଶ୍ରମିକ ନେତା ତଥା ରାଜନେତା ଅରିନ୍ଦମ ସରଖେଲ (ବାପି) ଏବଂ ତାଙ୍କ ପ୍ରାର୍ଥୀମାନେ ବିଜୟ ଲାଭ କଲେ ସ୍ଥାନୀୟ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ସାଧାରଣତଃ ନିର୍ବାଚନ ସମୟରେ ପ୍ରାର୍ଥୀମାନେ ବିଭିନ୍ନ ପ୍ରତିଶୃତି ଦେଇ ନିର୍ବାଚନ ପରେ ଏହାକୁ ପାଶୋରି ଯାଇଥାନ୍ତି । କିନ୍ତୁ ପୌର ନିର୍ବାଚନ ପରେ ସରଖେଲଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀମାନେ ବିଭିନ୍ନ ୱାର୍ଡ ବୁଲି ସମସ୍ୟା ସମାଧାନ ଦିଗରେ ସେମାନଙ୍କ ପ୍ରଚେଷ୍ଟା ଜାରି ରଖିଥିବା ଦେଖିବାକୁ ମିଳୁଛି । ତେବେ ପାରାଦୀପ ପୌରାଂଚଳର ମୁଖ୍ୟ ସମସ୍ୟା ହେଲା ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା । ଏହାର ସମାଧାନ ଦିଗରେ ପୌରାଧକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯାଇ ଏହି ସମସ୍ୟାର ନିରାକରଣ ଦିଗରେ ପ୍ରଚେଷ୍ଟା ଜାରି ରହିଥିବା ଜଣାପଡିଛି । ସେହିପରି ଦୀର୍ଘବର୍ଷ ହେବ ନେହେରୁ ବଙ୍ଗଳାରୁ ବଡପଡିଆ ପର୍ଯ୍ୟନ୍ତ ସ୍କୁଲ ବସ ସେବା ନଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଠ ପଢିବାରେ ସମସ୍ୟା ସୃଷ୍ଟି ହେଉଥିଲା ଏବଂ ଏହା ସେତେବେଳେ ଆମ ପାରାଦୀପ ଆମ ପ୍ରଗତୀ ପ୍ରାର୍ଥୀଙ୍କ ମୁଖ୍ୟ ନିର୍ବାଚନୀ ପ୍ରତିଶୃତି ଥିଲା । ତେବେ ସରଖେଲଙ୍କ ଉଦ୍ୟମ ଫଳରେ ପାରାଦୀପ ବନ୍ଦର ପକ୍ଷରୁ ସ୍କୁଲ ପିଲାଙ୍କ ପାଇଁ ଏବେ ବସ ସେବା ଆରମ୍ଭ ହୋଇଛି । ଏହିପରି ବିଭିନ୍ନ ସାମାଜିକ ଓ ଜନମଙ୍ଗଳ କାର୍ଯ୍ୟ ପାଇଁ ବାପି ସରଖେଲ ଏବଂ ତାଙ୍କ ସ୍ୱାଧୀନ ପାରିଷଦମାନଙ୍କୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।

## ପାରାଦୀପ ଲାଇଟ ହାଉସ ନିକଟରେ ଅଘଟଣ



ପାରାଦୀପ (ପିଏନ୍)-ପାରାଦୀପ ଲାଇଟ ହାଉସ ନିକଟସ୍ଥ ସମୁଦ୍ରରେ ବୁଡିଯାଇ ଜଣେ ସ୍କୁଲ ଛାତ୍ର ନିଖୋଜ ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ ଯେ ପାରାଦୀପର ବେଥାନୀ ସ୍କୁଲର ଜଣେ ନବମ ଶ୍ରେଣୀ ଛାତ୍ର ସ୍କୁଲ ଛୁଟି ପରେ ସାଙ୍ଗ ମାନଙ୍କ ସହ ସମୁଦ୍ରରେ ଗାଧୋଇବା ବେଳେ ପ୍ରବଳ କରେଂଟରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ । ତେବେ ଲଘୁଚାପଜନିତ ଅଶାନ୍ତ ସମୁଦ୍ରର ପ୍ରଖର ସ୍ରୋତରେ ଛାତ୍ର ଜଣକ ଭାସି ଯାଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ନିଖୋଜ ଛାତ୍ର ଜଣକ ପାରାଦୀପ ମଧୁବନସ୍ଥିତ ଗୋପାଳଜୀଉ କଲୋନୀର ପ୍ରମୋଦ କୁମାର ଦାସଙ୍କ ପୁଅ ପ୍ରୀତମ ଦାସ ବୋଲି ଜଣାପଡିଛି । ଘଟଣାସ୍ଥଳରେ ପାରାଦୀପ ଜଟାଧାର ମୁହାଣ ପୋଲିସ ଓ ଅଗ୍ନିଶମ ବିଭାଗ ଉପସ୍ଥିତ ରହି ଘଟଣାର ଅନୁସନ୍ଧାନ କରିଥିବା ବେଳେ ସମୁଦ୍ର କୂଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେବେ ପାରାଦୀପ ବେଳାଭୂମିକୁ ବିଭିନ୍ନ ଅଂଚଳରୁ ପର୍ଯ୍ୟଟକମାନେ ଆସୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପ୍ରତିରୋଧମୂଳକ ପଦକ୍ଷେପ ଓ ସତର୍କତା ସୂଚନା ଫଳକ ନଥିବା କାରଣରୁ ଅନେକ ସମୟରେ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଲୋକେ ମୃତ୍ୟୁମୁଖରେ ପଡୁଥିବା ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି । ଏତଦ୍‌ବ୍ୟତିତ ଏହି ବିପଦପୂର୍ଣ୍ଣ ସମୁଦ୍ରରେ ଗାଧୋଇବା ପାଇଁ ବାରଣ ଥିବା ଏବଂ ଏହାକୁ ତନଖି କରିବା ପାଇଁ ପୋଲିସର ପ୍ୟାଟ୍ରୋଲିଂ ଅଭାବରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ରାଷ୍ଟ୍ରୀୟ ଲୋକଅଦାଲତରେ ୧୭୨ ମାମଲା ଫଇସଲା, ୮୧,୭୨,୧୩୫ ଟଙ୍କା ଜୋରିମାନା ଆଦାୟ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କେନ୍ଦ୍ରାପଡା ସମେତ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର କୋର୍ଟ ପରିସରରେ ନିକଟରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୭୮୩ଟି ମାମଲା ମଧ୍ୟରୁ ୧୭୨ଟି ମାମଲାର ଫଇସଲା କରାଯାଇ ମୋଟ ୮୧ ଲକ୍ଷ ୭୨ହଜାର ୧୩୫ ଟଙ୍କା ଜୋରିମାନା ଆଦାୟ ହୋଇଛି । ୧୭୩ଟି ଦେୱାନୀ ମାମଲା ମଧ୍ୟରୁ ୪୪ଟି, ୪୧୭ଟି ଫୌଜଦାରୀ ମାମଲା ମଧ୍ୟରୁ ୬୮ଟି, ୭୯ଟି ପାରିବାରିକ ମାମଲା ମଧ୍ୟରୁ ୪୧ଟି, ୧୧୨ଟି ମଟରଯାନ ଦୁର୍ଘଟଣା-ଜନିତ କ୍ଷତିପୂରଣ ମାମଲା ମଧ୍ୟରୁ ୧୯ଟିର ଫଇସଲା ହୋଇଥିଲା । ୪୫୬୭ଟି ବ୍ୟାଙ୍କ ଋଣ ଖିଲାପି ମାମଲା ମଧ୍ୟରୁ ୧୭୯ ମାମଲା ଫଇସଲା ହୋଇ ୨୬ଲକ୍ଷ ୯୮ହଜାର ୯୦୦ ଟଙ୍କା ଆଦାୟ ହୋଇଥିଲା । ଜିଲ୍ଲା ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକଅଦାଲତରେ ପରିବାର ଅଦାଲତ ଜଜ ବିକାଶ ଚନ୍ଦ୍ର ଦେ, ଜଜ୍ ତ୍ରିବିକ୍ରମ ଚିନ୍ନାରା, ବରିଷ୍ଠ ଦେୱାନୀ ଜଜ କୁମୁଦିନୀ ମୁଦୁଲି, ଆଲୋକମୟୀ ପ୍ରଧାନ, ଅତିରିକ୍ତ ବରିଷ୍ଠ ଦେୱାନୀ ଜଜ ଶୋଭନ କାନୁନଗୋ, ରେଜିଷ୍ଟ୍ରାର ପୁଣ୍ୟଶ୍ଳୋକ ରଥ, ଏସଡିଜେଏମ ଅମିତ କୁମାର ବେହେରା, ଦେୱାନୀ ଜଜ ସୋନାଲି ଅପରାଜିତା ପ୍ରମୁଖ ଯୋଗଦେଇ ମାମଲାଗୁଡିକର ଶୁଣାଣି କରିଥିଲେ । ଆଇନ ସେବା ପ୍ରାଧିକରଣ ସଚିବ ସଙ୍ଗିତା ପାଣି ଆଜିର ଲୋକଅଦାଲତକୁ ପରିଚାଳନା କରିଥିଲେ । ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର କୋର୍ଟ ପରିସରରେ ମଧ୍ୟ ଜଜମାନେ ମାମଲାଗୁଡିକର ଶୁଣାଣି କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା)ର ତୃତୀୟ ବୈଠକ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ର ତୃତୀୟ ବୈଠକ କମିଟି ଅଧ୍ୟକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ସକାଳେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଲୋଇଶିଙ୍ଗା ବିଧାୟକ ମୁକେଶ ମହାଲିଙ୍ଗ, ଜିଲ୍ଲାପାଳ ଚଂଚଳ ରାଣା, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଙ୍କ ପ୍ରତିନିଧି ବିଷ୍ଣୁ ପ୍ରସାଦ କେଡିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ବିଭିନ୍ନ ପଂଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷା, ଦିଶା କମିଟିର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀ ମାନେ ଉତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତବ୍ୟ ସମ୍ପାଦନ କରିବା ସହ ଯୋଜନା ଗୁଡ଼ିକର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଂଚିପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ କମିଟିର ଅଧ୍ୟକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଏବଂ ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତାକୁ ସୁନିଶ୍ଚିତ କରିବା ସକାଶେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାସ୍ତାକାମ ନିମ୍ନମାନର ହୋଇଥିବା ଅଭିଯୋଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାର ଗୁଣବତା ଉପରେ ସ୍ୱତନ୍ତ୍ର ଯାଂଚ୍ କରାଯିବା ନିମନ୍ତେ ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର କମିଟିର ଅଧ୍ୟକ୍ଷାଙ୍କୁ ଅବଗତ କରିଥିଲେ । ବିଭାଗୀୟ ନିର୍ବାହୀ ଅଧିକାରୀ କିଛି ସ୍ଥାନରେ ଠିକାଦାରଙ୍କୁ ନିମ୍ନମାନର କାମ ଅଭିଯୋଗ ସକାଶେ ନୋଟିସ ଦିଆଯାଇଛି ବୋଲି ସଭାକୁ ଜଣେଇଥିଲେ । ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା ଏବଂ ହିତାଧିକାରୀ ମାନେ ପାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଏକ ସୂଚନା ପତ୍ର ପ୍ରସ୍ତୁତ କରି ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅବଗତ କରିବାକୁ କମିଟିର ଅଧ୍ୟକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଏମଜିଏନଆରଇଜିଏ ଯୋଜନାର କାର୍ଯ୍ୟ କରୁଥିବା ବ୍ୟକ୍ତି ମାନଙ୍କୁ ଟଙ୍କା ପଇଠରେ ଆଧାର ଟିପଚିହ୍ନ ଜନିତ ଅସୁବିଧା ପାଇଁ ବିଳମ୍ବ ହେଉଥିବାରୁ ସଭାରେ ଉଦବେଗ ପ୍ରକାଶ ପାଇଥିଲା । କିଛି ସ୍ଥାନରେ ଓଭରହେଡ ଟ୍ୟାଙ୍କରୁ ପାଣି ଲିକ ହେଉଥିବାରୁ ତାର ମରାମତି ପାଇଁ ନିର୍ବାହୀ ଅଧିକାରୀଙ୍କୁ ଆଦେଶ ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଂଚଳରେ କିଛି ଜାଗାରେ ଅନିୟମିତ କରି ପାଇଥିବା ଘର ପାଇଁ ସମ୍ପୃକ୍ତଙ୍କ ଠୁ ସଂପୂର୍ଣ୍ଣ ଅର୍ଥ ଫେରସ୍ତ ଅଣାଯାଇଛି ଏବଂ ଅଧିକାରୀଙ୍କୁ ଦଣ୍ଡବିଧାନ କରାଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଅଭାବ ଶୀଘ୍ର ନୂତନ ଡାକ୍ତରଙ୍କ ଦ୍ୱାରା ପୂରଣ ହେବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ । ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ଦୁର୍ବଳ ନେଟୱର୍କ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ । ଜିଲ୍ଲାପାଳ ଏହାର ଏକ କମିଟି ଗଠନ ସହ ସବିଶେଷ ତଥ୍ୟ ଦେବାକୁ ଆଦେଶ ଦେଇଥିଲେ । ଯଥାଶୀଘ୍ର ସର୍ଭେ କରି ନୂଆ ଟାୱାର ଲଗେଇବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ଗ୍ରାମପଂଚାୟତରେ ପୋଷ୍ଟ ଅଫିସ ନ ଖୋଲିବା, ତୁରେକେଲାରେ ପୋଷ୍ଟଅଫିସ କାର୍ଯ୍ୟକ୍ଷମ ନ ହେବା ରୁ ପୋଷ୍ଟ ମାଷ୍ଟରଙ୍କୁ ନିର୍ଦ୍ଦିଷ୍ଟ ଅଫିସଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରେଇବାକୁ କହିଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମଦ୍ରସା ଇସଲାମିଆ କୁଦୁସିଆ ପ୍ରଧାନ ଶିକ୍ଷକଙ୍କ ଦାଦାଗିରି ଅଭିଯୋଗ

କେନ୍ଦ୍ରାପଡ଼ା, (ପି.ଏନ): ଜିଲ୍ଲାର ଚଉଦକୁଲାଟ ସ୍ଥିତ ଏକ ମଦ୍ରାସାରେ ପ୍ରଧାନ ମୌଲବୀ ଓ ତାଙ୍କର ବାପାଙ୍କର ଦାଦାଗିରି ଦିନକୁ ଦିନ ବଢ଼ିବାରେ ଲାଗିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ତମାଳ ଶାସନ ଠାରେ ଥିବା ମଦ୍ରସା ଇସଲାମିଆ କୁଦୁସିଆ ରେ ବ୍ୟାପକ ଅନ୍ୟମିତତା ହୋଇଥିବା ନେଇ ସଭାପତି ନିଜେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ରାଜ୍ୟରେ ସର୍ବାଧିକ ମଦ୍ରାସା କେନ୍ଦ୍ରାପଡା ଜିଲ୍ଲାରେ ଥିବାବେଳେ ଅନେକ ମଦ୍ରସାରେ କାଁ ଭାଁ ଛାତ୍ରଛାତ୍ରୀ ଥିବାବେଳେ କେବଳ ଖାତା କଲମରେ ମଦ୍ରାସା ଚାଲୁ ରହିଛି । ମଦ୍ରସା କୁଦୁସିଆରେ ଉପସ୍ଥାପନ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମାତ୍ର ୮ରୁ ୧୦ ରହୁଥିବାବେଳେ ମୁଖ୍ୟ ମୌଲବୀ(ପ୍ରଧାନ ଶିକ୍ଷକ) ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨ରୁ ୩ ଗୁଣ ଅଧିକ ପକାଇ ମଧ୍ୟାହ୍ନ ଭୋଜନ ହଡ଼ପ କରୁଥିବା ସଭାପତି ଅଭିଯୋଗ କରିଛନ୍ତି । ଏଥିସହିତ ସଭାପତି ମଦ୍ରାସାର କୌଣସି କାର୍ଯ୍ୟରେ ଯୋଗଦେଲେ ପ୍ରଧାନ ଶିକ୍ଷକଙ୍କ ବାପା ମାରଣାସ୍ତ୍ର ଧରି ଜୀବନରୁ ମାରିବା ପାଇଁ ଧମକ ଦେଉଥିବା ନେଇ ସେ ଏକ ଭିଡିଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ରଙ୍କୁ ଦେଖାଇବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତଦନ୍ତ କରିବା ସହିତ ମଦ୍ରାସାର ଶିକ୍ଷକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଦିଶା ବୈଠକ: ପିଡି ଡୁଡାଙ୍କ ଭୁଲ ତଥ୍ୟ ନେଇ କ୍ଷୁବ୍ଧ ନରସିଂହ

ବଲାଙ୍ଗୀର, (ପି.ଏନ): ଆଜି ଦିଶା ବୈଠକରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନକୁ ନେଇ ଅନେକ ଆଲୋଚନା ହେଲା । ଜିଲ୍ଲାବାସୀ ଏହି ବୈଠକ ତଥା ଆଲୋଚନାରୁ କ'ଣ ଲାଭ ପାଇବେ ସେ ତ ଅଲଗା କଥା କିନ୍ତୁ ଏହି ବୈଠକରୁ ଗୋଟିଏ ଜିନିଷ ସ୍ପଷ୍ଟ ହେଲା ଯେ କିଛି ଅଧିକାରୀ ବୈଠକରେ ଜାଣିଶୁଣି ବିଭିନ୍ନ ଯୋଜନାକୁ ନେଇ ବିଭ୍ରାନ୍ତିକର ତଥା ଭୁଲ ତଥ୍ୟ ଦେଉଛନ୍ତି । ତାହା ସହ ଏହା ମଧ୍ୟ ଜଣାଗଲା ଯେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିମ୍ନମାନର ରାସ୍ତା ନିର୍ମାଣ ତଥା ଏହି ଦୁର୍ନୀତିରେ ଜଡ଼ିତ ଠିକାଦାରଙ୍କୁ ବିଭାଗୀୟ ଯନ୍ତ୍ରୀ ସୁରକ୍ଷା ଦେବାର ଆଲୋଚନାରୁ ସ୍ପଷ୍ଟ ଜଣାପଡୁଛି । ଏହା ନିହାତି ଭାବରେ ଜିଲ୍ଲାର ବିକାଶ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ଆଜି ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ନେଇ ଅନୁଷ୍ଠିତ ହୋଇଥିବା ଦିଶା ବୈଠକ ରେ ଯୋଗ ଦେଇ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି । ସ୍ଥାନୀୟ ହୋଟେଲ ମ୍ୟାନେଜମେଂଟ ସମ୍ମିଳନୀ କକ୍ଷରେ ବଲାଙ୍ଗିର ସାଂସଦ ସଙ୍ଗିତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଶ୍ରୀ ମିଶ୍ର ସ୍ୱଚ୍ଛ ଭାରତ ମିଶନ ଯୋଜନାକୁ ନେଇ ମଧ୍ୟ ପ୍ରଶ୍ନବାଚି କରିଥିଲେ । ଏହି ଯୋଜନାକୁ ସେ ଏକ ବିଫଳ ଯୋଜନା ବୋଲି ଅଭିହିତ କରିବା ସହ ସେ କହିଥିଲେ ଯେ ପ୍ରାୟତଃ ହିତାଧିକାରୀ ଏହି ଯୋଜନା ମାଧ୍ୟମରେ ପ୍ରଦାନ କରାଯାଇଥିବା ପାଇଖାନା ବ୍ୟବହାର କରୁନାହାନ୍ତି ଯାହାକି ଜିଲ୍ଲାର ଅଧିକାରୀମାନେ ମଧ୍ୟ ସହମତ ପ୍ରକାଶ କରୁଛନ୍ତି । ବିନା ପାଣିରେ ଏହି ଯୋଜନା ପ୍ରଣୟନ କରୁଥିବାରୁ ଏହା ଏକ ଭୁଲ ଯୋଜନା ବୋଲି ସେ କହିଥିଲେ । ଠିକ୍ ସେହିପରି ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରୁଥିବା ଶ୍ରମିକମାନେ ଆଇନ ଅନୁଯାୟୀ ତାଙ୍କର ପାଉଣା ୧୫ ଦିନ ମଧ୍ୟରେ ପାଇବା କଥା । କିନ୍ତୁ ପ୍ରାୟତଃ ଦେଖାଯାଉଛି ଶ୍ରମିକମାନେ ମାସ ମାସ ଧରି ତାଙ୍କ ପାଉଣାରୁ ବଂଚିତ ହେଉଛନ୍ତି । ଆଇନ କହୁଛି କେନ୍ଦ୍ର ସରକାର ଅନୁଦାନ ପ୍ରଦାନ କରୁନକରୁ ଶ୍ରମିକ ତାର ଶ୍ରମର ପାଉଣା ଯେମିତି ୧୫ ଦିନ ଭିତରେ ପାଇ ପାରିବ ରାଜ୍ୟ ସରକାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ସେସବୁକୁ ସୁନିଶ୍ଚିତ କରିବା ଦରକାର କିନ୍ତୁ କେତେବେଳେ ଆଧାର ସଂଯୋଗିକରଣ ତ କେତେବେଳେ ବ୍ୟାଙ୍କ ଖାତା ତାଳମେଳ ଖାଉନଥିବା ଦର୍ଶାଇ ଶ୍ରମିକମାନଙ୍କୁ ହଇରାଣ କରିବା ଠିକ୍ ନୁହେଁ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ । ଆହୁରି ମଧ୍ୟ ମହାରାଣୀ ସାଗରର ଅନୁଦାନ ଓ ଏହାର କାର୍ଯ୍ୟ ନୟନକୁ ନେଇ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଗତ ବୈଠକରେ ଦେଇଥିବା ତଥ୍ୟ ଏହି ବୈଠକରେ ମେଳ ଖାଉ ନାହିଁ । ଏହାକୁ ନେଇ ଶ୍ରୀ ମିଶ୍ର ଅଧିକାରୀମାନେ କାହିଁକି ଜନପ୍ରତିନିଧିମାନେ ଭୁଲ୍ ତଥ୍ୟ ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ ଏବଂ ତାଙ୍କ ଚେଷ୍ଟା ମତେ ମହାରାଣୀ ସାଗର ପାଇଁ ଅଟକଳ ପରିମାଣର ଏକ ତୃତୀୟାଂଶ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆସିବା ପରେ ଏନ୍‌ବିସିସି ସହ ଚୁକ୍ତି ସ୍ୱାକ୍ଷରିତ ହୋଇ ଭିତିପ୍ରସ୍ତର ଦିଆଯାଇଥିଲା ।

# ମାନସିକ ଅସୁସ୍ଥଙ୍କୁ ଚିକିତ୍ସା ଏବଂ ସାମାଜିକ ସହାୟତାର ଆବଶ୍ୟକତା ରହିଛି

କନ୍ଧମାଳ, (ପି.ଏନ): ବର୍ତମାନ ସମଗ୍ର ବିଶ୍ୱରେ ମାନସିକ ଅସୁସ୍ଥତା ଏକ ମହାମାରୀ ପରି ବ୍ୟାପିବାରେ ଲାଗିଛି ଏହାର ପ୍ରଭାବ,ଓଡିଶା ତଥା କନ୍ଧମାଳ ଜିଲ୍ଲାରେ ମଧ୍ୟ ଏହା ବ୍ୟାପକ ଭାବେ ରହିଛି । ମାନସିକ ଅସୁସ୍ଥତା ସଂପର୍କରେ ସଚେତନତା ଅଭାବରୁ ଗ୍ରାମାଂଚଳର ଲୋକମାନେ ଗୁଣିଗାରେଡି, ଚେରମୂଳି ଚିକିତ୍ସା ଆଦିରେ ଖର୍ଚ୍ଚାନ୍ତ ହୋଇ ବିଫଳ ହେବା ସହ ମାନସିକ ଅସୁସ୍ଥମାନଙ୍କ ପ୍ରତି ସାମାଜିକ ଅବହେଳା ମଧ୍ୟ ବଢ଼ିବାରେ ଲାଗିଛି । ତେଣୁ ଗ୍ରାମ ସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ୱେଚ୍ଛାସେବୀମାନେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ସେମାନଙ୍କୁ ଚିକିତ୍ସା ସୁବିଧା ଓ ସାମାଜିକ ସୁରକ୍ଷାରେ ସହାୟକ ହେବା ନିମନ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ କନ୍ଧମାଳ ଜିଲ୍ଲା ଗୁମାଗଡ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି ।ଅକ୍ଟୋବର ୧୦ ତାରିଖ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଏବଂ ବାଙ୍ଗାଲୋର ସ୍ଥିତ ବେସିକ୍ ନିଡ୍ ଇଣ୍ଡିଆ ତରଫରୁ ଗୁମାଗଡର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ଆଲୋଚନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବ୍ଲକ୍ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କଳ୍ପନା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଜନସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଆୟୁଷ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ମହାପାତ୍ର, ସ୍ୱାତୀର କାର୍ଯ୍ୟକ୍ରମ ଅଧିକାରୀ ପ୍ରଦୀପ ସ୍ୱାଇଁ, ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଂଯୋଜକ ବୈକୁଣ୍ଠ ଚନ୍ଦ୍ର ଦାଶ, ଆଲୋକ ସାମନ୍ତରାୟ ପ୍ରମୂଖ ଯୋଗ ଦେଇ ମାନସିକ ସ୍ୱାସ୍ଥ୍ୟ ସଂପର୍କିତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ମାନସିକ ସ୍ୱାସ୍ଥ୍ୟ ଏକ ବିଶ୍ୱବ୍ୟାପୀ ମାନବିକ ଅଧିକାର ଏବଂ ମାନସିକ ଅସୁସ୍ଥଙ୍କ ସହାୟତା ପାଇଁ ସବୁ କ୍ଷେତ୍ରରେ ସହାୟକ ବ୍ୟବସ୍ଥା ମାନ ରହିବାର ଆବଶ୍ୟକତା ଉପରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବେସିକ୍ ନିଡ୍ ଇଣ୍ଡିଆ ସହାୟତାରେ ସ୍ୱାତୀ ଦ୍ୱାରା ଫୁଲବାଣୀ ଏବଂ ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଗତ ଏକ ବର୍ଷ ଧରି ଚାଲି ଆସୁଛି । ଏହି ଶିବିରରେ ସ୍ୱାତୀର କର୍ମୀ ମାନଙ୍କ ସହ, ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସ୍ୱେଚ୍ଛାସେବୀ ମାନେ, ବିଭିନ୍ନ ଗାଁ ଗୁଡିକର ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱୟଂସହାୟିକା ଦଳ ସଭ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ସୁରକ୍ଷା କର୍ମୀ ଓ ସୁପରଭାଇଜର ନିଯୁକ୍ତି ପାଇଁ ହେବ ତାଲିମ ଶିବିର

କନ୍ଧମାଳ, (ପି.ଏନ): ଜିଲ୍ଲା ନିଯୋଜକ କାର୍ଯ୍ୟାଳୟ, କନ୍ଧମାଳ ଓ ଏସ୍.ଆଇ.ଏସ୍.ର ମିଳିତ ସହଯୋଗରେ ଜିଲ୍ଲାର ପ୍ରତି ବ୍ଲକରେ ଏସ୍.ଆଇ.ଏସ୍. ରେ ସୁରକ୍ଷା କର୍ମୀ ଓ ସୁପରଭାଇଜର ପଦବୀ ପାଇଁ ପ୍ରଶିକ୍ଷଣ ଓ ନିଯୁକ୍ତି ନିମନ୍ତେ ଚୟନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ, କନ୍ଧମାଳ ସୂଚନା ଦେଇଛନ୍ତି । ପ୍ରଶିକ୍ଷଣ ସମାପ୍ତ ପରେ ୬୫ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ଚାକିରି ଦେବାପାଇଁ ଏସ୍.ଆଇ.ଏସ୍. ପ୍ରତିଶ୍ରୁତି ଦେଉଛି । ସେହିପରି ଚାକିରି ସମୟରେ ବେତନ ବୃଦ୍ଧି, ପ୍ରମୋଶନ, ବୋନସ, ପେନ୍ସନ୍ ଯୋଜନା, ଗ୍ରାଚ୍ୟୁଟି, ପ୍ରୋଭିଡେଂଟ ଫଣ୍ଡ, ମେଡିକାଲ ସୁବିଧା, ବୀମା,ଲୋନ୍,ପିଲାଙ୍କ ଶିକ୍ଷା ବ୍ୟାବସ୍ଥା, ରହିବା ପାଇଁ ମେସ୍ ଏବଂ ଆବାସ ଇତ୍ୟାଦି ବ୍ୟବସ୍ଥା ରହିଛି ବୋଲି ଏସ୍.ଆଇ.ଏସ୍. ସୂଚନା ଦେଇଛି । ତାଙ୍କର ନିଯୁକ୍ତି ଟିମ୍ ଏହି ଚୟନ ଶିବିର ପରିଚାଳନା କରିବେ । ପଦବୀ ଅନୁଶାରେ ଶିକ୍ଷାଗତ ଯୋଗ୍ୟତା, ଉଚ୍ଚତା , ଓଜନ ଓ ବେତନ ସ୍ଥିର କରାଯାଇଛି । ଚୟନୀତ ପ୍ରାର୍ଥୀଙ୍କ ପାଇଁ ୫ଶହ ଟଙ୍କା ପଞ୍ଜୀକରଣ ଶୁଳ୍କ ଦେବାକୁ ପଡ଼ିବ । ସୁରକ୍ଷା କର୍ମୀ ପାଇଁ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ୍ କିମ୍ବା ଫେଲ୍ ଥିବାବେଳେ, ସୁପରଭାଇଜର ପଦବୀ ପାଇଁ ୨ ରଖାଯାଇଛି । ସୁରକ୍ଷା କର୍ମୀ ପାଇଁ ୧୨ହଜାର ରୁ ୧୯ହଜାର ବେତନ ସହିତ ଅନ୍ୟାନ୍ୟ ଅତିରିକ୍ତ ଭତା ଏବଂ ସୁପରଭାଇଜର ପଦବୀ ପାଇଁ ୧୬ହଜାରରୁ ୨୨ ହଜାର ବେତନ ସହିତ ଅନ୍ୟାନ୍ୟ ଭତା ବ୍ୟବସ୍ଥା ମଧ୍ୟ ରହିଛି ବୋଲି ଜଣାପଡ଼ିଛି । ଏହି ଚୟନ ଶିବିର ଏହି ମାସ ୧୨,୧୩,୧୬,୧୭,୧୮, ୧୯,୨୦,୨୫,୨୬,୨୭,୩୦ ଓ ୩୧ ତାରିଖ ଦିନ ୧୦ଟା ରୁ ଅପରାହ୍ନ ୦୩ ଘଣ୍ଟା ସମୟ ମଧ୍ୟରେ ଯଥାକ୍ରମେ, ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ଫୁଲବାଣୀ, ଖଜୁରୀପଡ଼ା, ଫିରିଙ୍ଗିଆ, ଚକାପାଦ, ଟିକାବାଲି, ବାଲିଗୁଡ଼ା, କେ. ନୂଆଗାଁ, ତୁମୁଡ଼ିବନ୍ଧ, କୋଟଗଡ଼, ଦାରିଙ୍ଗିବାଡ଼ି, ରାଇକିଆ, ଘୁ.ଉଦୟଗିରି, ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ, କନ୍ଧମାଳଙ୍କ ସୂତ୍ରରୁ ଜଣାପଡ଼ିଛି । ତେବେ ଏହାର ସବିଶେଷ ବିବରଣୀ ପାଇଁ ମୋବାଇଲ୍ ନମ୍ବର ୭୬୮୪୯୦୩୭୮୬ରେ ଯୋଗାଯୋଗ କରିବାକୁ ଦେଖିବାକୁ ଏସ୍.ଆଇ.ଏସ୍. ସୂଚନା ଦେଇଛି ।

# ଓଡିଶା ମହିଳା କ୍ରିକେଟ ଦଳରେ ପାରାଦୀପର ସୁଲଗ୍ନା

ପାରାଦୀପ,(ପି.ଏନ): ଚ଼ଳିତ ବର୍ଷ ୧୯ ବର୍ଷ ରୁ କମ୍ ମହିଳା କ୍ରିକେଟ ଦଳରେ ପାରାଦୀପ ଡିଷ୍ଟ୍ରିକ୍ଟ ସ୍ପୋର୍ଟସ କାଉନସିଲ ପକ୍ଷରୁ ସୁଲଗ୍ନା ନାୟକ ଓଡ଼ିଶା ମହିଳା କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି । ଦିନିକିଆ ଫର୍ମାଟରେ ଚ଼ଳିତ ମାସ ୮ ତାରିଖ ରୁ ଗୋହ୍ୱାଟୀରେ ଚ଼ାଲିଥିବା ବିସିସିଆଇର ଘରୋଇ ମ୍ୟାଚ୍‌ରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ମଧ୍ୟ ଅଶଂଗ୍ରହଣ କରିଛନ୍ତି । ସୁଲଗ୍ନା କ୍ରିକେଟ ପ୍ରତି ରୁଚ଼ି ରଖି ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମରେ ପାରାଦୀପ ଡିଷ୍ଟ୍ରିକ୍ଟ ସ୍ପୋର୍ଟସ



କାଉନସିଲ ପକ୍ଷରୁ ନିୟମିତ ଅଭ୍ୟାସ ଓ ପରିଶ୍ରମ ତଥା ରୁସି କୋଚ୍ ଙ୍କ ପ୍ରେରଣା ଆଜି ତାଙ୍କୁ ସଫଳତାର ସିର୍ଷରେ ପହଞ୍ଚାଇ ପାରିଛି ବୋଲି ସୁଲଗ୍ନା ପ୍ରକାଶ କରିଛନ୍ତି । ତାଙ୍କର ଏହି ସଫଳତା କୁ ନେଇ ପାରାଦୀପ ଡିଷ୍ଟ୍ରିକ୍ଟ ସ୍ପୋର୍ଟସ କାଉନସିଲ ର ସମ୍ପାଦକ ରବିନ୍ଦ୍ର ଦାସ , ଗୋପବନ୍ଧୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ ଓ ସଭାପତି ଡି.ଏନ୍ ସୋନ୍ଧୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି କ୍ଷ ତେବେ ପାରାଦୀପ ଡିଷ୍ଟ୍ରିକ୍ଟ ସ୍ପ?ର୍ଟସ କାଉନସିଲ କେବଳ ସୁଲଗ୍ନା କାହିଁକି ପାରାଦୀପ ତଥା ଆଖପାଖ ଅଞ୍ଚଳରେ ଥିବା ପ୍ରତିଭାବାନ ଖେଳାଳି ଙ୍କୁ ସୂଯୋଗ ଦେଇ ରାଜ୍ୟ ତଥା ରାଜ୍ୟ ବାହାରେ ସୁନାମ ଅର୍ଜନ କରିବା ଦିଗରେ ପ୍ରୟାସ ଜାରି ରଖିଛି ବୋଲି କାଉନସିଲ ର ସମ୍ପାଦକ ପ୍ରକାଶ କରିଛନ୍ତି ।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday October 13, 2023 ଭୁବନେଶ୍ୱର ଶୁକ୍ରବାର, ଅକ୍ଟୋବର ୧୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ସାଇକେଲରେ ଦେଶ ବିଦେଶ ବୁଲି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଦାମନଯୋଡି,(ପି.ଏନ) : କୋରାପୁଟ ଜିଲ୍ଲା ଦାମନଯୋଡି ଓଡିଆ ପୁଅ ଭଦ୍ରକ ଜିଲ୍ଲାର ସନ୍ତୋଷ କୁମାର ମିଶ୍ର(୫୭) ପରିଣତ ବୟସରେ ସାଇକେଲରେ ଦେଶ ବିଦେଶ ପରିଭ୍ରମଣ କରି ସଡ଼କ ସୁରକ୍ଷାର ବାର୍ତ୍ତା,ସନ୍ଦେଶ ପ୍ରଚ଼ାର କରି ଆଜି ଆସି ଦାମନଯୋଡିରେ ପଦାର୍ପଣ କରିଥିଲେ । ଦାମନଯୋଡି ଆଦର୍ଶ ଥାନା ପକ୍ଷରୁ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ଓ ସହକର୍ମୀଙ୍କ ଉପସ୍ଥିତିରେ ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କରାଯାଇଥିଲା । ସ୍ଥାନୀୟ ଆଲୁମିନା ବାଳିକା ଉଚ୍ଚ଼ ବିଦ୍ୟାଳୟରେ ଏକ ସଚେତନତା ଭିତ୍ତିକ ସଭା ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ଦୁଇଶହ ବିଦ୍ୟାର୍ଥୀନୀ, ପୂର୍ବତନ ସରପଂଚ଼ ଦାମୋଦର ଜାନୀ,ମିଡିଆ ହାଉସ ସଭାପତି ନରସିଂହ ବ୍ରହ୍ମା,ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାଉ, ଶିକ୍ଷୟିତ୍ରୀ ଜୟନ୍ତୀକା ପରିଡା,ଶିକ୍ଷକ ଅବନୀ କୁମାର ଗରଡା ଉପସ୍ଥିତ ଥିଲେ । ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଥାନା ଅଧିକାରୀ ସଡକ ସୁରକ୍ଷାର ଆବଶ୍ୟକ ଉପରେ ଆଲୋକପାତ କରିଥିଲେ । ସାମାନ୍ୟ ଅସାବଧାନତା ଯୋଗୁ କିପରି ଅମୁଲ୍ୟ ଧନ ଜୀବନ ନଷ୍ଟ ହେଉଛି ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ସନ୍ତୋଷ କୁମାର ମିଶ୍ର,ନିଜର ପ୍ରତ୍ୟେକ୍ଷ ଅନୁଭୂତି ବର୍ଣ୍ଣନା କରିବା ସହିତ ଜୀବନ ସୁରକ୍ଷା,ଜୀବନ ଦର୍ଶନ ତତ୍ତ୍ୱ ଅତି ଚ଼ମତ୍କାର ଭାବରେ ପରିବେଷଣ କରିଥିଲେ । ସଡକ ସୁରକ୍ଷାର ବିଭିନ୍ନ ଦିଗ ବିଷୟରେ ପିଲାମାନଙ୍କର ପ୍ରଶ୍ନର ଉତ୍ତର ଶ୍ରୀ ମିଶ୍ର ପ୍ରଦାନ କରିଥିଲେ । ଡଃ ଅଶୋକ କୁମାର ମହାନ୍ତି ସଭାକାର୍ଯ୍ୟ ପରିଚ଼ାଳନା କରିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାଉ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶ ଥାଉ କି, ଶ୍ରୀ ମିଶ୍ର ବିଗତ ୨୦୦୧ ମସିହା ଅଗଷ୍ଟ ୧୫ ତାରିଖରୁ ଏହି ଯାତ୍ରା ଆରମ୍ଭ କରିଥିବା ବେଳେ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଏ ଯାବତ୍ ଯାତ୍ରା ଅବ୍ୟାହତ ରଖିଛନ୍ତି । ସେ ତାଙ୍କ ଯାତ୍ରା କାଳରେ ଦକ୍ଷିଣ ଏସିଆ ର ପାକିସ୍ତାନ,ଚ଼ିନ, ନେପାଳ, ବାଂଲାଦେଶ ଏପରି ଅନେକ ଦେଶ ବୁଲି ସଚେତନ ବାର୍ତ୍ତା ପ୍ରଦାନ କରି ଚ଼ାଲିଛନ୍ତି । ବିଶ୍ୱର ପ୍ରତିଟି ଲୋକ ଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚି ପାରିଲେ ତାଙ୍କ ଏହି ସଚେତନ ଯାତ୍ରା ସଫଳ ହେବ ବୋଲି ଶ୍ରୀ ମିଶ୍ର କହିଥିଲେ ।

## ଆର୍ଥ୍ରାଇଟିସ୍ ବା ଗଣ୍ଠିବାତ ରୋଗ ଏକ ଦୀର୍ଘ ସ୍ଥାୟୀ ରୋଗ




ଭୁବନେଶ୍ୱର,(ପି.ଏନ): ଛୋଟପିଲା ଠାରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଯେ କୌଣସି ବୟସରେ ଏହା ଦେଖାଯାଇପାରେ । ଠିକ୍ ସମୟରେ ଚ଼ିକିତ୍ସା ଆରମ୍ଭ ନକଲେ ଏହା ଅଧକ ଯନ୍ତ୍ରଣାଦାୟକ ହୋଇଥାଏ ଓ ବିକଳାଙ୍ଗତା ବା ଅକର୍ମଣ୍ୟତା ସୃଷ୍ଟିକରେ । ଗଣ୍ଠିବାତ ରୋଗ ଓ ଏହାର ଚ଼ିକିତ୍ସା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ସମଗ୍ର ବିଶ୍ୱରେ ପ୍ରତ୍ୟେକ ବର୍ଷର ଅକ୍ଟୋବର ୧୨ ତାରିଖକୁ ବିଶ୍ୱ ଗଣ୍ଠି ବାତ ଦିବସ” ବା “World Arthritis Day‘‘ ଭାବରେ ପାଳନ କରାଯାଏ ।ଭୁବନେଶ୍ୱର ସହିଦନଗର ସ୍ଥିତ “ଓଡିଶା ଆର୍ଥ୍ରାଇଟିସ ଓ ରୁମାଟୋଲୋଜି ସେଣ୍ଟର” ସଂକ୍ଷେପରେ (ଙଇଜଉ) ଗଣ୍ଠିବାତ ଓ ରୁମାଟୋଲୋଜି ରୋଗୀମାନଙ୍କ ପାଇଁ ଓଡିଶା ତଥା ପୂର୍ବ ଭାରତର ଅଗ୍ରଣୀ ଚ଼ିକିତ୍ସା କେନ୍ଦ୍ର ରୂପେ କାର୍ଯ୍ୟ କରିଆସୁଅଛି । ଖୁବ୍ ? କମ ଦନ ମଧ୍ୟରେ ଓଡିଶା ଓ ଏହାର ପଡୋଶୀ ରାଜ୍ୟର ଲୋକମାନଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାଧନକ ଉନ୍ନତ ମାନର ଚ଼ିକିତ୍ସା ଯୋଗାଇ ସୁନାମ ଅର୍ଜନ କରିପାରିଛି । ଏଠାରେ ରୋଗୀ ମାନଙ୍କୁ ଖ୍ୟାତ ସମ୍ପନ୍ନ ତଥା ଅନୁଭବି ରୁମାଟୋଲୋଜି ଡାକ୍ତରଙ୍କ ପରାମର୍ଶ ସହ, ଉନ୍ନତ ମାନର ଲାବୋରେଟୋରୀ ଦ୍ୱାରା ଉକ୍ତ ରୋଗ ସମ୍ବନ୍ଧୀୟ ଆବଶ୍ୟକୀୟ ରକ୍ତ ପରୀକ୍ଷା ଓ ଢ-ଜବଛ କରାଇ କମ ସମୟରେ ଓ କମ ଖର୍ଚ୍ଚରେ ଦୁଃସାଧ୍ୟ ଗଣ୍ଠିବାତ ରୋଗର ଚ଼ିହ୍ନଟ ଓ ସଫଳ ଚ଼ିକିତ୍ସା ମଧ୍ୟ ଉପଲବ୍ ?ଧ ହୋଇପାରୁଛି । ଗରିବ ରୋଗୀମାନଙ୍କୁ ସୁବିଧାରେ ଚ଼ିକିତ୍ସା ଯୋଗାଇଦେବା ପାଇଁ“ଓଡିଶା ଆର୍ଥ୍ରାଇଟିସ ଓ ରୁମାଟୋଲୋଜି ଫାଉଣ୍ଡେସନ୍ ? ଟ୍ରଷ୍ଟ “ ତରଫରୁ ପ୍ରତି ମାସର ପ୍ରଥମ “ଗୁରୁବାର’’ ଦିନ “ଏକ ଟଙ୍କା ଦେୟ ଗଣ୍ଠି ବାତ ଚ଼ିକିତ୍ସା” କରାଯାଉଛି । ଆମ ରାଜ୍ୟରେ ଗଣ୍ଠିବାତ ରୋଗ ଚ଼ିକିତ୍ସା କ୍ଷେତ୍ରରେ ସଚେତନତାର ଅଭାବ ହିଁ ମୁଖ୍ୟ ପ୍ରତିବନ୍ଧକ ବୋଲି ଙଇଜଉ ର ଚ଼ିକିତ୍ସା ନିର୍ଦ୍ଦେଶକ ପ୍ରଫେସର ଡାଃ ଜ୍ୟୋତି ରଞ୍ଜନ ପରିଡା ମତ ରଖୁଛନ୍ତି ।ଲୋକମାନଙ୍କ ମଧ୍ୟରେ ଉକ୍ତ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଅକ୍ଟୋବର ୧୨ ତାରିଖ ସକାଳ ୮ ଘଟିକାରୁ ୧୦ଟା ପର୍ଯ୍ୟନ୍ତ “A Walk For Arthritis” ରାଲି ଓଡିଶା ଆର୍ଥ୍ରାଇଟିସ, ଓ ରୁମାଟୋଲୋଜି ଫାଉଣ୍ଡେସନ୍ ? ଟ୍ରଷ୍ଟ (OARFT) ତରଫରୁ ଆୟୋଜନ କରାଯାଇଥିଲା । ଏହି ଶୋଭାଯାତ୍ରା ରେ ପାଖାପାଖି ୫୦ ରୁ ଉର୍ଦ୍ଧ ଲୋକ ଏବଂ ଗଣ୍ଠିବାତ ରୋଗୀ ମାନେ ଭାଗ ନେଇଥିଲେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତଥୀ ଭାବେ ଭାରତୀୟ ରିଉମାଟଲୋଜି ସଂଘ (ଓଡିଶା ଶାଖା)ର ସଭାପତି ଡାକ୍ତର ମନୋଜ ଛୋଟରାୟ ଓ ସମ୍ମାନୀତ ଅତିଥୀ ଭାବେ ବରିଷ୍ଠ ଡାକ୍ତର ଶ୍ରୀଯୁକ୍ତ ବିଜୟ କୁମାର ମିଶ୍ର ଯୋଗ ଦେଇ ଗଣ୍ଠିବାତର ଚ଼ିକିତ୍ସା ସମ୍ଭବ ବୋଲି ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥୁଲେ । ଏଥୁସହ ଏହି ଅବସର ରେ ଓଡିଶା ଆର୍ଥ୍ରାଇଟିସ ଓ ରୁମାଟୋଲୋଜି ଫାଉଣ୍ଡେସନ୍ ? ଟ୍ରଷ୍ଟ ତରଫରୁ ଭବିଷ୍ୟତରେ ଏଭଳି କାଯ୍ୟକ୍ରମ ମାଧ୍ୟମରେ ଏ ରୋଗର ସଚେତନତା ବ୍ୟାପକ କରାଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଅଛି ବୋଲି ପ୍ରଫେସର ଡାଃ ଜ୍ୟୋତି ରଞ୍ଜନ ପରିଡା ମତବ୍ୟକ୍ତ କରିଥିଲେ ।




## ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଆଶା କର୍ମୀଙ୍କ ବିକ୍ଷୋଭ




ଅସ୍ତରଙ୍ଗ,(ପି.ଏନ):ଓଡିଶା ଆଶାକର୍ମୀ ଆସୋସିଏସନ ଅସ୍ତରଙ୍ଗ ବ୍ଲକ ଶାଖା ତରଫରୁ ଶତାଧିକ ଆଶା କର୍ମୀ ୧୭ ଦଫା ଦାବି ନେଇ ଆଜି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନା ରେ ବିକ୍ଷୋଭ ପଦର୍ଶନ କରିଛନ୍ତି, ଆଶା କର୍ମୀ ବିଭିନ୍ନ ସମୟ ରେ ଅନେକ ପ୍ରକାର ସହାୟତା ପ୍ରଦାନ କରୁଥିବା ବେଳେ ବର୍ତମାନ ପର୍ଯ୍ୟନ୍ତ ସେମାନଙ୍କ ନାର୍ଯ୍ୟ ଦାବି ରୁ ତାଙ୍କୁ ବଞ୍ଚିତ କରାଯାଉଛି, ସେଥି ମଧ ରୁ ମାସିକ ସର୍ବନିମ୍ନ ଦରମା ଛବିଶ ହଜାର,ସେମାନଙ୍କୁ ସ୍ଥାୟୀ କର୍ମଚ଼ାରୀ ର ମାନ୍ୟତା ଦାବୀ, ପେନସନ ଯୋଗାଇଦେବା, ମୃତ୍ୟୁ ଓ ଅବସର କାଳିନ ସହାୟତା ରାଶି ୮ ଲକ୍ଷ ଟଙ୍କା, ଏଥି ସହିତ ଆଶା କର୍ମୀ ମାନଂକୁ ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବା, ଏହିଭଳି ଅନେକ ଦାବୀ କୁ ଉପସ୍ଥାପନା କରିବା ସହିତ ଆଜି ଏକତ୍ରିତ ହୋଇଛନ୍ତି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ, ସବୁଠୁ ବଡ କଥା ହେଉଛି ବିଗତ ୧୧ ମାସ ର ପ୍ରୋତ୍ସାହନ ରାଶି ପୁରୀ ଜିଲ୍ଲା ର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆଶା କର୍ମୀ ଙ୍କୁ ଦିଆଯାଇଛି କିନ୍ତୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆଜି ପର୍ଯ୍ୟନ୍ତ ସେହି ବକେୟା ଅର୍ଥ ଆଶା ମାନେ ପାଇନାହାନ୍ତି, ଯାହାକୁ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ଆନ୍ଦୋଳନ ମାଧମ ରେ ଜବାବ ମାଗିଥିଲେ ଆଶା କର୍ମୀ, କେବଳ ସେମାନଙ୍କ ଦାବୀ ନୁହେଁ ତା ସହିତ ପରିବାର ନିୟନ୍ତ୍ରଣ କରୁଥିବା ବନ୍ଧ୍ୟାକରଣ ମା ମାନଙ୍କ ପାଇଁ ସହାୟତା ରାଶି ମଧ ଦାବୀ ରଖିଛନ୍ତି ଆଶା ସଙ୍ଘ, ୨୦୨୩ ରେ ଆଶା ମାନଙ୍କ ଶା ?1 ରାଶି ୧ହଜାର ଟଙ୍କା ତୁରନ୍ତ ଦେବାକୁ ଦାବୀ କରିଛନ୍ତି, ଏହି ଭଳି ୧୭ ଦଫା ଦାବୀ ନେଇ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରୁ ଏକ ଶୋଭାଯାତ୍ରା ରେ ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରିଛନ୍ତି, ତା ପରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରିବା ସହିତ ଆଶା ସଙ୍ଘ ର ଏକ ସ୍ୱତନ୍ତ୍ର ଟିମ୍ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସଞ୍ଜୟ ପ୍ରଧାନ ଙ୍କୁ ସାକ୍ଷାତ କରି ସେମାନଙ୍କ ଦାବୀ ଉପରେ ଆଲୋଚ଼ନା କରିଛନ୍ତି, ଏହି ବିକ୍ଷୋଭ ସଭା ରେ ସଭାପତିତ୍ୱ କରିଛନ୍ତି ଜିଲ୍ଲା ଆଶା କର୍ମୀ ସଙ୍ଘ ର ସଭାପତି ପୀତବାସ ବେହେରା, ବକ୍ତବ୍ୟ ରଖିଛନ୍ତି ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦିକା ବନବାସିନୀ ମହାପାତ୍ର, ଏହି ପ୍ରତିବାଦ ସଭା ରେ ଅସ୍ତରଙ୍ଗ ଆଶା କର୍ମୀ ସଙ୍ଘ ର ସଭାପତି ସୌଦାମିନୀ ବିଜୟଲକ୍ଷ୍ମୀ ମଲ୍ଲ, ସମ୍ପାଦିକା ସରସ୍ୱତୀ ବିଶ୍ୱାଳ, ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଏହି ପ୍ରତିବାଦ ସଭା ରେ ମେଡିକାଲ ଅଧିକାରୀ ସଞ୍ଜୟ ପ୍ରଧାନ ଉପରିସ୍ଥ ଅଧିକାରୀ ଙ୍କ ସହିତ ଆଲୋଚ଼ନା କରି ତୁରନ୍ତ ସେମାନଙ୍କ ନାର୍ଯ୍ୟ ଦାବୀ ପୂରଣ ପାଇଁ ପ୍ରତିଶୃତି ଦେଇଛନ୍ତି,ଏହି ପ୍ରତିବାଦ ସଭା ରେ ଅସ୍ତରଙ୍ଗ ପୋଲିସ ତରଫରୁ ଆଇନ ଶୃଙ୍ଖଳା ପରିସ୍ଥିତି କୁ ସୁଚ଼ାରୁ ରୂପେ ପାଳନ କରାଯାଇଛି ।

## ଯୁବ ପାଇକ ସମାଜ ତରଫରୁ ବନ୍ଧୁ ମିଳନ ଓ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ



ଗୋଲାମୁଣ୍ଡା, (ପି.ଏନ୍) : ଗୌରବାନ୍ୱିତ ଇତିହାସରେ ଭରା ବୀର ପାଇକ ମାନଙ୍କ ଇତିହାସ । ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ବିବେଚ଼ିତ ୧୮୫୭ ମସିହାର ସିପାହୀ ବିଦ୍ରୋହ ଠାରୁ ମଧ ଢେର ପୁରୁଣା ଥିଲା ପାଇକ ମାନଙ୍କ ଆନ୍ଦୋଳନ । ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ମନମୁଖୀ ଶାସନ ବିରୁଦ୍ଧରେ ୧୮୧୭ ମସିହାରେ ପାଇକ ବିଦ୍ରୋହ ହୋଇଥିବାର ପ୍ରମାଣ ଦିଏ ଇତିହାସ । ଅତୀତରେ ଖୋର୍ଦ୍ଧା ଅଞ୍ଚଳରେ ବସବାସ କରୁଥିବା ସେହି ବୀର ପାଇକ ମାନଙ୍କ ଦାୟଦ ମାନେ ବର୍ତ୍ତମାନ କଳାହାଣ୍ଡି, ନୂଆପଡା, ନବରଙ୍ଗପୁର ଆଦି ଅଂଚ଼ଳର ବସବାସ କରୁଛନ୍ତି । ଅତୀତରେ ସଂଗଠନ ପାଇଁ ଜଣାଶୁଣା ସେହି ପାଇକ ଜାତି ବର୍ତ୍ତମାନ ମଧ ସଙ୍ଗଠନ କୁ ଗୁରୁତ୍ୱ ଦେଇଆସୁଛି । ଏହି କ୍ରମରେ କଳାହାଣ୍ଡି ଯୁବ ପାଇକ ସମାଜ ପକ୍ଷରୁ ଆଜି ଛିଲିପା ତେଲନଦୀ କୂଳସ୍ଥ ହନୁମାନ ବାଟୀକା ଠାରେ ନୂଆଁଖାଇ ଭେଟଘାଟ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରିତ କରାଯିବା ପରେ ପାଇକଙ୍କ ଆରାଦ୍ଧ ଦେବୀ ମାଁ ସାରଳାଙ୍କ ବନ୍ଦନ ହେବା ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଅତିଥିଙ୍କ ପରିଚ଼ୟ ପ୍ରଦାନ କରାଯିବା ପରେ ସଭକାର୍ଯ୍ୟ ଆଗେଇଥିଲା । ଅତିଥି ମାନେ ନିଜ ବକ୍ତବ୍ୟ ରଖିବା ସହ ପାଇକ ଜାତିର ଗୌରବ ସହିଦ ବିଜେନ୍ଦ୍ରନାଥଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମଞ୍ଚାସିନ ସମାଜର ବରିଷ୍ଠ ଅନୁଭବି ବ୍ୟକ୍ତି ବିଶେଷ ଯୁବ ସଂଗଠନ କୁ ମଜବୁତ କରିବା ଦିଗରେ ଗୁରୁତ୍ୱ ଦେବା ସହ ଯୁବଗୋଷ୍ଠୀଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ । ଏହା ସହ ଆଗାମୀ ଦିନରେ ସମାଜର ମଙ୍ଗଳ ପାଇଁ ଯୁବ ଗୋଷ୍ଠୀ ଏବଂ ମହିଳା ଶକ୍ତି କୁ ସମାଜର ଉନ୍ନତି ପାଇଁ ପ୍ରତକ୍ଷ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ବୃନ୍ଦାବାହାଲ, ଖାଲିଆକାନି, ଗୋଲାମୁଣ୍ଡା, ଛିଲିପା, ବାଲିଛଡ଼ା, ନୂଆଗୁଡା, ସ. କୁଣ୍ଡାମାଲ, କୋକସରା, ଗଡରାମାଲ ଆଦି ଗ୍ରାମର ଅନେକ ଝଙ୍କଡ଼ ପାଇକ ସମାଜର ଲୋକେ ଏକତ୍ରିତ ହୋଇଛନ୍ତି । କେବଳ ସାମାଜିକ ବ୍ୟକ୍ତି ବିଶେଷଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପାଇକ ସମାଜ କେନ୍ଦ୍ରୀୟ କମିଟିର ସମ୍ପାଦକ ରାହାସକାନ୍ତ ରାଉତ, ମୁଖ୍ୟବକ୍ତା ଭାବେ ମହେନ୍ଦ୍ର ପ୍ରଧାନୀ, ଜିଲ୍ଲା ପରିଷଦ ସଦସ୍ୟା ହେମାଙ୍ଗୀନି ରାଉତ, ବୃନ୍ଦାବାହାଲ ସରପଞ୍ଚ ଇଂ ଦିନେଶ କୁମାର ରାଉତ, ପୂର୍ବତନ ସ୍ୱଭାପତି ଟଂକଧର ନାଏକ, ଅଧ୍ୟାପକ ମୋହନ ବିଶି, ଭଗବାନ ପ୍ରଧାନୀ, ଯୁବ ସଂଗଠକ ଜନ୍ମେଜୟ ନାୟକ (ଟୁକୁ) , ପ୍ରଶନ୍ନ ରାଉତ, ହିମାଦ୍ରୀ ରାଉତ, ଜଗୁପ୍ରସାଦ ରାଉତ, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ଦେବରାଜ ରାଉତ, ମାନସ ରାଉତ ତଥା ଝଙ୍କଡ଼ ପାଇକ ସମାଜର ଅନେକ ଯୁବକ ଉପସ୍ଥିତ ରହିଥିଲେ । ଅନ୍ୟତମ ସୁଦକ୍ଷ ଯୁବ ସଂଗଠକ ବିଭୁଦତ୍ତ ପ୍ରଧାନୀ ମଞ୍ଚ ପରିଚ଼ାଳନା କରିଥିଲେ ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray